**ଜଳ ସଂରକ୍ଷଣକୁ ସରକାରଙ୍କ ଅଣଦେଖା**

# ଚାଷ ଓ ପିଇବା ପାଇଁ ଜଳର ଅଭାବ

**ଶୁଖିଲା ପଡ଼ିଛି ନଦୀ, କମୁଛି ଭୂତଳ ଜଳସ୍ତର**

**୪ ଆଇଏସ୍‌ଏସ୍ ଟେଣ୍ଡର ବାତିଲ, ଦୁଇ ନୂଆ ବ୍ୟାରେଜ୍ ଘୋଷଣା**

**ବଲାଙ୍ଗିର, ୪।୪(ସମିସ)**

ବଲାଙ୍ଗିର ଜିଲ୍ଲାରେ ସବୁବେଳେ ପାଣି ଏକ ବଡ଼ ସମସ୍ୟା ହୋଇ ରହିଆସିଛି। କେତେବେଳେ ଚାଷ ପାଇଁ ପାଣି ଅଭାବ ତ ପୁଣି କେତେବେଳେ ପିଇବା ପାଇଁ ପାଣିର ଅଭାବ। ପାଣିକୁ ନେଇ ପ୍ରକୃତି ମଧ୍ୟ ବଲାଙ୍ଗିରକୁ ବଡ଼ ଧୋକା ଦେଇଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ଏହି ସମସ୍ୟା ଦୂର କରିବା ପାଇଁ କୌଣସି ପଦକ୍ଷେପର ସଫଳ ରୂପାୟନ ହୋଇନାହିଁ। ଅବଶ୍ୟ ବିଜେଡି ସରକାର ସମୟରେ ଜିଲ୍ଲାର ନଦୀମାନଙ୍କରେ ଭୂତଳ ଜଳ ସଂରକ୍ଷଣ ପ୍ରକଳ୍ପକୁ ଗୁରୁତ୍ୱ ଦିଆଯାଇଥିଲା, ଯାହାକି ବର୍ତ୍ତମାନର ସରକାର ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ମାର୍ଚ୍ଚ ଆରମ୍ଭରୁ ଜିଲ୍ଲାର ନଦୀମାନଙ୍କର ପ୍ରବାହିତ ପାଣି କେବଳ ଶୁଖିନାହିଁ ଉକ୍ତ ନଦୀ ମାନଙ୍କର ଜଳସ୍ତର ମଧ୍ୟ ବହୁମାତ୍ରାରେ ହ୍ରାସ ପାଇଥିବା ଅଭିଯୋଗ ହୋଇଛି। ଯାହାକି ଆଗାମୀ ସମୟ ପାଇଁ ଏକ ବଡ଼ ସତର୍କ ଘଣ୍ଟି ବୋଲି ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି।

ବଲାଙ୍ଗିର ଜିଲ୍ଲାରେ ଚାଷ ସମୟରେ ଜଳସେଚନ ପାଇଁ ପାଣି ଅଭାବ ଓ ଗ୍ରୀଷ୍ମ ସମୟରେ ପିଇବା ପାଇଁ ପାଣି ଅଭାବ ଘଟଣା ଦେହ ସୁହା ହୋଇସାରିଛି। ସମସ୍ୟା ଏତିକିରେ ସରିନାହିଁ। ବର୍ଷକୁ ବର୍ଷ ଭୂତଳଜଳସ୍ତର ମଧ୍ୟ ବହୁମାତ୍ରାରେ କମିଥିବା ବିଶେଷଜ୍ଞମାନେ ମତ ରଖିଛନ୍ତି। ଜିଲ୍ଲାର ଜନସଂଖ୍ୟା ବଢ଼ିବା ସାଙ୍ଗକୁ ପାଣିର ଆବଶ୍ୟକତା ବଢ଼ିଛି। ଫଳରେ ପାନୀୟ ଜଳ ସମସ୍ତଙ୍କୁ ଯୋଗାଇବାରେ ଅନେକ ସମସ୍ୟା ଲାଗିରହିଛି। ସରକାରୀ ଓ ପ୍ରଶାସନିକସ୍ତରରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି ସତ କିନ୍ତୁ ପାଣି ଆସିବ କେଉଁଠୁ। ଜିଲ୍ଲା ଦେଇ ପ୍ରବାହିତ ହୋଇଥିବା ତେଲ, ସୁକତେଲ, ଖଡ଼ଙ୍ଗ, ରାହୁଲ, ସୋନଗଡ଼, ଅଙ୍ଗ ଭଳି ନଦୀ ମାର୍ଚ୍ଚ ଆରମ୍ଭରୁ ଶିଖିସାରିଲାଣି। କେବଳ ଏତିକି ନୁହଁ ଉକ୍ତ ନଦୀ ଓ ଜିଲ୍ଲାରେ ଥିବା ବଡ଼ ବଡ଼ ନାଳ ଗୁଡ଼ିକର ଭୂତଳଜଳସ୍ତର ମଧ୍ୟ ହ୍ରାସ ପାଇଛି। ପରିଣାମସ୍ୱରୂପ ନଦୀ ଉପରେ ନିର୍ମାଣ ହୋଇଥିବା ଇନ୍‌ଟେକୱେଲ ଗୁଡ଼ିକ ମଧ୍ୟ ଶୁଖିବାକୁ ବସିଛି। ଫଳରେ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇବାରେ ଅନେକ ସମସ୍ୟା ଦେଖାଦେଉଛି। ତେବେ ଜଳସେଚନ ଓ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ବିଜେଡି ସରକାର ସମୟରେ ଲୋୟର ସୁକତେଲ ପ୍ରକଳ୍ପ ଉଦ୍‌ଘାଟନ କରାଯିବା ସହ ଆଠଟି ଭୂତଳଜଳ ସଂରକ୍ଷଣ ପ୍ରକଳ୍ପ ବ୍ୟାରେଜ ନିର୍ମାଣକୁ ଅନୁମୋଦନ



କରାଯାଇଥିଲା। ଦ୍ୱିତୀୟ ବର୍ଷରେ ଲୋୟର ସୁକତେଲ ଜଳଭଣ୍ଡାରରେ ଜଳ ସଂରକ୍ଷଣ କରାଯିବା କଥା। ଏହି ପ୍ରକଳ୍ପରୁ ଜଳସେଚନ କରିବା ପାଇଁ ପାଇପ ଜଳସେଚନ କାମ ସରିବାକୁ ବସିଥିବା ବେଳେ ଚଳିତବର୍ଷ ସମସ୍ତ ପାଣି କୁ ଛାଡିଦିଆଯାଇଥିବା ଦେଖିବାକୁ ମିଳିଛି। କୁଆଡେ ପାଣି ନିଷ୍କାସନ ପାଇଁ ହୋଇଥିବା ଗେଟ୍‌ର ଡିଜାଇନ ପରିବର୍ତ୍ତନକୁ ନେଇ ପାଣି ଛାଡିଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅନୁମୋଦନ ହୋଇଥିବା ୮ଟି ଭୂତଳ ଜଳସେଚନ ପ୍ରକଳ୍ପରୁ ମାତ୍ର ଦୁଇଟି କାମ ହୋଇଥିବା ଜଣାପଡ଼ିଛି। ଛତାମଖନାଠାରେ ସୁକତେଲ ନଦୀ ଉପରେ ୧୫୬ କୋଟି ଟଙ୍କାରେ ନିର୍ମାଣ କାମ ସରିଥିବା ବେଳେ ୫୧ କୋଟି ଟଙ୍କା ବ୍ୟୟରେ ଗୁଡଭେଲାଠାରେ ରାହୁଲ ନଦୀ ଉପରେ ବ୍ୟାରେଜ କାମ ଆରମ୍ଭ ହୋଇଛି। ସେହିପରି ୫୮୨ କୋଟି ଟଙ୍କାରେ କୁକେଡମାଲ ଠାରେ ତେଲ ନଦୀ, ୧୬୫ କୋଟି ଟଙ୍କାରେ କୁରସୁଡ଼ଠାରେ ଇନ୍ଦ୍ର ନଦୀ, ୧୭୫ କୋଟି ଟଙ୍କା ବ୍ୟୟରେ ପଥର୍ଲା ଓ ୧୩୪ କୋଟି ଟଙ୍କାରେ ତୁଷ୍କାପାଲି ଠାରେ ଲାନ୍ଥ ନଦୀ ଉପରେ ବ୍ୟାରେଜ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିଲା। କିନ୍ତୁ ଗତ ଫେବୃୟାରୀମାସରେ ନୂତନ ସରକାର ଆସିବା ପରେ ଏହାକୁ ବାତିଲ କରିଦିଆଯାଇଥିବା ଜଣାପଡ଼ିଛି। ଫଳରେ ଏହି ସବୁ ପ୍ରକଳ୍ପର ଭାଗ୍ୟ ଓ ଭବିଷ୍ୟତ ପୁଣି ଅନ୍ଧକାରମୟ ହୋଇଛି। କେବେ ନୂଆ ଟେଣ୍ଡର ହେବ, କେବେ କାମ ସରିବ ଓ ଫାଇଦା ଲୋକେ ପାଇବେ ତାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ସେହିପରି ବିଜେପି ସରକାର ଆଉ ଦୁଇ ବ୍ୟାରେଜ ନିର୍ମାଣକୁ ସବୁଜ ସଙ୍କେତ ଦେଇଛନ୍ତି। ଅଙ୍ଗ ନଦୀ ଉପରେ କୁଟାସିଂହା ଠାରେ ୨୪୭ କୋଟି ଟଙ୍କା ଓ ସିକୁଆଁ ଠାରେ ସୋନଗଡ଼ ନଦୀ ଉପରେ ୪୯ କୋଟି ଟଙ୍କାରେ ବ୍ୟାରେଜ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି। ଏହାର ମଧ୍ୟ ରୂପରେଖ ପ୍ରସ୍ତୁତ ହୋଇନାହିଁ। ଏହିଭଳି ଭାବେ ବ୍ୟାରେଜ ମାଧ୍ୟମରେ ଜଳସଂରକ୍ଷଣ କରାଯିବା ସହ ଚାଷ ସମୟରେ ଜଳସେଚନ ଓ ଭୂତଳ ଜଳସ୍ତର ବୃଦ୍ଧି କରାଯିବା ଏକମାତ୍ର ରାସ୍ତା ହୋଇଥିବା ବେଳେ ବିଜେପି ସରକାର ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଫଳରେ ବର୍ଷା ସମୟରେ ପ୍ରବାହିତ ବନ୍ୟାଜଳ ବୋହି ଚାଲିଯାଉଥିବା ବେଳେ ଖରା ସମୟରେ ପାଣି ବୁନ୍ଦାଏ ପାଇଁ ବଲାଙ୍ଗିର ଜିଲ୍ଲାବାସୀ ତହଳବିକଳ ହେଉଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ମଧ୍ୟ ସମାନ ଭାବେ ପାନୀୟଜଳ ସମସ୍ୟା ଦେଖାଯିବା ଆରମ୍ଭ ହୋଇଥିବାବେଳେ ଆଉ କେତେବର୍ଷ ଏହିଭଳି ଅଭିଶାପ ବଲାଙ୍ଗିର ଜିଲ୍ଲବାସୀଙ୍କୁ ଭୋଗ କରିବାକୁ ପଡ଼ିବ ତାହା ଦେଖିବା କଥା।

**ରେଞ୍ଜରଙ୍କ କ୍ଷମତାର ଅପବ୍ୟବହାର ଘଟଣା**

# କାର୍ଯ୍ୟାଳୟରେ ରହିଲା ଗାଡ଼ି, ସ୍କ୍ୱାଡ୍‌କୁ ଫେରିଲେ ହାତୀ ସୁରକ୍ଷା କର୍ମଚାରୀ

**ବଲାଙ୍ଗିର, ୪।୪(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ରେଞ୍ଜରଙ୍କ ମନମୁଖୀ କାରବାର ପଦାରେ ପଡ଼ିବା ପରେ ଅନେକ ଘଟଣା ସାମ୍ନାକୁ ଆସିଛି। ସରକାରୀ କ୍ଷମତାର ଅପବ୍ୟବହାର, ସରକାରୀ ଗାଡ଼ିକୁ ବେଆଇନ ଭାବେ ବ୍ୟକ୍ତିଗତ ଭାବେ ବ୍ୟବହାର କରିବା, ସରକାରୀ ଟଙ୍କାକୁ ହାତରେ ରଖି ମନଇଚ୍ଛା ଖର୍ଚ୍ଚ କରିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିବା ପରେ ଏବେ ବନ ବିଭାଗର ଉପରିସ୍ଥ ଅଧିକାରୀ ରେଞ୍ଜରଙ୍କୁ ସୁରକ୍ଷା ଦେବା ଆରମ୍ଭ କରିଛନ୍ତି। ସୁରକ୍ଷା ନାମରେ ସତ କୁ ମାନିଛି ବନ ବିଭାଗ। ସରକାରୀ ଗାଡି ଅପବ୍ୟବହାର ଓ ବେଆଇନ ଭାବେ ଜଣେ ଘରୋଇ କର୍ମଚାରୀକୁ ଡ୍ରାଇଭର ଭାବେ ନିୟୋଜିତ ଘଟଣା ପ୍ରକାଶ ପାଇବା ପରେ ଉକ୍ତ କର୍ମଚାରୀଙ୍କୁ ରାତିଅଧିଆ ସ୍କ୍ୱାର୍ଡରେ ଯୋଗଦେବାକୁ କୁହାଯାଇଥିବା ଜଣାପଡ଼ିଛି। ସେହିପରି ସରକାରୀ ଗାଡି ରେଞ୍ଜରଙ୍କ ଘରେ ରହିବା ବଦଳରେ କାର୍ଯ୍ୟାଳୟରେ ରଖାଯାଇଥିବା ଦେଖିବାକୁ ମିଳିଛି।



**ବେଆଇନ ଭାବେ ଡ୍ରାଇଭର ନିୟୋଜିତ କରିଥିଲେ ରେଞ୍ଜର**

ବଲାଙ୍ଗିର ଜିଲ୍ଲା ଲୋଇସିଂହା ରେଞ୍ଜର ଗତ କିଛିବର୍ଷ ହେଲା ସରକାରୀ କ୍ଷମତାର ଅପବ୍ୟବହାର କରିଥିବା ନେଇ ଅଭିଯୋଗ ହୋଇଆସୁଛି। କାର୍ଯ୍ୟାଳୟ ପାଇଁ ଦିଆଯାଇଥିବା ଏକ ଟିୟୁଭି ଗାଡ଼ିକୁ ସେ ବ୍ୟକ୍ତିଗତ ଗାଡି ହିସାବରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଥିଲା। ରେଞ୍ଜର ନିଜେ ଉକ୍ତ ଗାଡ଼ିକୁ ଘରେ ରଖୁଥିବାବେଳେ ସେହି ଗାଡ଼ିକୁ ସେ କାର୍ଯ୍ୟାଳୟକୁ ଆସିବା ଓ ଯିବା ପାଇଁ ବ୍ୟବହାର କରୁଥିଲେ। ଓ ଉକ୍ତ ଗାଡ଼ିକୁ ଚାଳାଇବା ପାଇଁ ସରଗାଡ଼ ସେକ୍ସନରେ ରହିଥିବା ହାତୀ ସୁରକ୍ଷା ସ୍କ୍ୱାର୍ଡର ଜଣେ କର୍ମଚାରୀ ଦେବ ବାରିକଙ୍କୁ ଡ୍ରାଇଭର ଭାବେ ନିୟୋଜିତ କରିଥିବା ଜଣାପଡ଼ିଥିଲା। ପୂର୍ବରୁ ମଧ୍ୟ ଏହି ଅଭିଯୋଗ ହୋଇଥିବାବେଳେ ବନବିଭାଗ ପକ୍ଷରୁ ଏହାକୁ ଅଣଦେଖା କରାଯାଇଥିଲା। କିନ୍ତୁ କିଛି ଦିନ ପୂର୍ବରୁ ପୁଣି ଏନେଇ ଖବର ପ୍ରକାଶ ପାଇବା ପରେ ଗୋଟିଏ ପଟେ ରେଞ୍ଜର ଏହାକୁ ଅସ୍ୱୀକାର କରିଥିବା ବେଳେ ଅନ୍ୟପଟେ ନିଜେ ପୁଣି ସତକୁ ଭିନ୍ନ ଏକ ମାଧ୍ୟମରେ ମାନି ଯାଇଛନ୍ତି। ଖବର ପ୍ରକାଶ ପରେ ହାତୀ ସୁରକ୍ଷାସ୍କ୍ୱାର୍ଡ କର୍ମଚାରୀ ଦେବ ବାରିକକୁ ହଟାଇ ପୁଣି ସରଗାଡ଼ ସେକ୍ସନରେ ଯୋଗଦେବାକୁ କୁହାଯାଇଥିବା ଜଣାପଡ଼ିଛି। ସେହିପରି ଉକ୍ତ କାର୍ଯ୍ୟାଳୟ ଗାଡ଼ିକୁ ନିଜ ଘରେ ନରଖି ଗୁରୁବାର ରେଞ୍ଜ କାର୍ଯ୍ୟାଳୟରେ ରଖାଯାଇଥିବା ଜଣାପଡ଼ିଛି। କିନ୍ତୁ କାର୍ଯ୍ୟାଳୟରେ ଲାଗିଥିବା ଆଉ ଏକ ଗାଡ଼ିର ଡ୍ରାଇଭରକୁ ଅସ୍ଥାୟୀ ଭାବେ ସେହି ଗାଡ଼ିର ଡ୍ରାଇଭର ଭାବେ ନିୟୋଜିତ କରାଯାଇଥିବା ଜଣାପଡ଼ିଛି। ଇଏତ ସରକାରୀ ଗାଡିର ଅପବ୍ୟବହାର ଅଭିଯୋଗକୁ ଏଡାଇବା ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ଗାଈଖାଇ ପ୍ରକଳ୍ପ ଟଙ୍କାକୁ ବେଆଇନ ଭାବେ ମନଇଚ୍ଛା ଖର୍ଚ୍ଚ କରିବା ଘଟଣାରେ ବନ ବିଭାଗର ଉପରିସ୍ଥ ଅଧିକାରୀ ତାଙ୍କୁ ସୁରକ୍ଷା ଦେଉଥିବା ଦେଖିବାକୁ ମିଳିଛି। ଏହି ଘଟଣାରେ ରେଞ୍ଜରଙ୍କୁ ପ୍ରଶ୍ନ କରିବା ବଦଳରେ ଏସଏସଫ ଜିତେନ୍ଦ୍ର ସାହୁ ସୂଚନା କିଏ ଦେଲା ତାକୁ ନେଇ ତନାଘନା ଆରମ୍ଭ କରିଛନ୍ତି। ଏହା ସହିତ ଭିଏସଏସ କମିଟି ନାମରେ ଦୁର୍ନୀତିକୁ ଚପାଇବା ପାଇଁ ଉଦ୍ୟମ କରାଯାଉଥିବା ବନ ବିଭାଗ କର୍ମଚାରୀ ମାନଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ଲୋଇସିଂହା ରେଞ୍ଜର ପାଉଲ ହରପାଲ ଆଉ କିଛି ଦିନ ପରେ ଅବସର ଗ୍ରହଣ କରିବେ। ଏହା ପୂର୍ବରୁ ତାଙ୍କୁ ସୁରକ୍ଷା ଦେବା ନାମରେ ସେ ଲୋଇସିଂହା ରେଞ୍ଜରେ କରିଥିବା ଅନିୟମିତତାକୁ ଚପାଇଦେବା ପାଇଁ ବିଭାଗୀୟସ୍ତରରେ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ରାଜ୍ୟ ବନ ବିଭାଗ ଓ ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ଶିକ୍ଷା ସଚେତନତା ରଥ ଉଦ୍‌ଘାଟିତ

**ତୁଷୁରା, ୪।୪ (ସମିସ):** ରାଜ୍ୟ ସରକାରଙ୍କର ଯୋଜନାନୁଯାୟୀ ଗୁଡଭେଲା ବ୍ଲକର ବିଭିନ୍ନ କ୍ଲଷ୍ଟରକୁ ଶିକ୍ଷା ସଚେତନତା ରଥ ପରିକ୍ରମା କରି ପ୍ରବେଶ ଉତ୍ସବ ଓ ଖଡିଛୁଆଁ ପାଇଁ ଜନ ସଚେତନତା ସୃଷ୍ଟି କରୁଛି। ଏହି କ୍ରମରେ ଆଜି ସରକାରୀ



ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୁଷୁରା ଠାରେ ରଥ ପହଞ୍ଚିବା ପରେ ପ୍ରଧାନଶିକ୍ଷକ ହେମନ୍ତ କୁମାର ଦାଶଙ୍କ ନେତୃତ୍ୱରେ ବିଦ୍ୟାଳୟ ତରଫରୁ ରଥକୁ ସ୍ୱାଗତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷ ଅଜୟ ଜୟଶ୍ୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରଥକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ରାଧା ରମଣ କେଡିଆ ଓ ତାଙ୍କ ଧର୍ମପତ୍ନୀ ଉଷା କେଡିଆ ଯୋଗଦେଇଥିବାବେଳେ ପର୍ଯ୍ୟବେକ୍ଷକ ଭାବେ ସିଆର୍‌ସିସି ଜଗମୋହନ ତ୍ରିପାଠୀ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ପ୍ରଶାନ୍ତି ଦାସ, ରଞ୍ଜିତା ନାଗ, ବିନ୍ଦୁ ମାହାଣା ଓ ଆକାଂକ୍ଷା ରାଣୀ ଯୋଶୀ ସହଯୋଗ କରିଥିଲେ।

# ତମିଆଁ ସମବାୟ ସମିତି ସମ୍ପାଦକଙ୍କ ଅକାଳ ବିୟୋଗ

**ପାଟଣାଗଡ଼, ୪।୪( ସମିସ):** ପାଟଣାଗଡ଼ ବ୍ଲକ ତମିଆଁ ସମବାୟ ସମିତି ସମ୍ପାଦକ ପ୍ରମୋଦ ନାଏକ (୪୮) ଙ୍କ ଗୁରୁବାରରାତିରେ ଅକାଳ ବିୟୋଗ ଘଟିଛି। ସମ୍ପାଦକ ଶ୍ରୀ ନାଏକ ଗୁରୁବାର ମଧ୍ୟାହ୍ନରେ ଏକ ବାହାଘର ଭୋଜିରେ ଯୋଗ ଦେଇଥିଲେ। ପରେ ସନ୍ଧ୍ୟା ସମୟରେ ଗାଁରେ ବୁଲାବୁଲି ମଧ୍ୟ କରିଥିଲେ। ରାତ୍ରି ୮ ଟା ସମୟରେ ଶୌଚ ପାଇଁ ବାଥରୁମ ଭିତରକୁ ଯାଇଥିଲେ। ସେଠାରେ କିଛି ସମୟ ବିତିଯିବାରୁ ପରିବାର ଲୋକେ ଦେଖିବାକୁ ଯାଇଥିଲେ। ବାଥରୁମ ଭିତରେ ପ୍ରମୋଦ ଚେତାଶୂନ୍ୟ ହୋଇ ପଡ଼ି ରହିଥିଲେ। ପରେ ଗାଁରେ ସାମାନ୍ୟ ଚିକିତ୍ସା ପରେ ସଙ୍ଗେସଙ୍ଗେ ପାଟଣାଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତମିଆଁ ସୁକତେଲ ନଦୀରେ ଶୁକ୍ରବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।

# ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କୁ ମାଡ଼ ମାରି ଯୁବକ ଗିରଫ

**ଖପ୍ରାଖୋଲ, ୪।୪ (ସମିସ):** ବଲାଙ୍ଗିର ଜିଲ୍ଲା ଲାଠୋର ଥାନା ଅଧୀନ ରେଙ୍ଗାଲି ପଞ୍ଚାୟତର ଅତିରିକ୍ତ ରାଜସ୍ୱ ନିରୀକ୍ଷକ ବିଶ୍ୱଜିତ ସାହୁଙ୍କୁ ଭରୁଆମୁଣ୍ଡା ଗ୍ରାମର ଜିତୁ କୁମାର ବେହେରା ମାଡ଼ ମାରି ଗିରଫ ହୋଇଛନ୍ତି। ଗୁରୁବାର ବିଶ୍ୱଜିତ ସାହୁ ଏକ ପ୍ରାଇଭେଟ ଷ୍ଟାଫଙ୍କ ସହ ଭରୁଆମୁଣ୍ଡା ଗ୍ରାମକୁ ମ୍ୟୁଟେସନ କେସ୍ ପାଇଁ ଯାଇଥିଲେ। ସେହି ସମୟରେ ଭରୁଆମୁଣ୍ଡା ଗ୍ରାମର ରାମ ବେହେରା ବେଆଇନ ଭାବେ ଏକ ଟ୍ରାକ୍ଟରରେ ମାଟି ତିଆରି ଇଟା ଆଣୁଥିବା ଦେଖି ପଚରାଉଚରା କରୁଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ତାଙ୍କ ପୁଅ ଜିତୁ ବେହେରା ଉଭୟ ବିଶ୍ୱଜିତ ଏବଂ ସାଙ୍ଗରେ ଥିବା ପ୍ରାଇଭେଟ ଷ୍ଟାଫଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁ ଲୁହାଣ କରିଥିଲେ। ଉଭୟଙ୍କୁ ପ୍ରଥମେ ଖପ୍ରାଖୋଲ ଡାକ୍ତରଖାନାକୁ ଏବଂ ପରେ ବଲାଙ୍ଗିର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ବିଶ୍ୱଜିତ ଲାଠୋର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଲାଠୋର ପୁଲିସ୍ ଅଭିଯୁକ୍ତ ଜିତୁ ବେହେରାକୁ ଗିରଫ କରିଥିଲା। ଏକ ମାମଲା ରୁଜୁକରିଅଭିଯୁକ୍ତକୁ ପାଟଣାଗଡ଼ କୋର୍ଟ ଚାଲାଣ କରାଯାଇଥିବାବେଳେ ଘଟଣାର ଅଧିକ ତଦନ୍ତ କରୁଥିବା ଲାଠୋର ଥାନାଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି।

# ୧୯ ବର୍ଷରୁ କମ୍ ଜିଲ୍ଲା ଫୁଟବଲ ଦଳ ପାଇଁ ଖେଳାଳି ଚୟନ



**ବଲାଙ୍ଗିର, ୪।୪(ସମିସ):** ଓଡ଼ିଶା ଫୁଟବଲ ସଂଘ(ଫାଓ) ତରଫରୁ ଆସନ୍ତା ମାସରେ ଆନ୍ତଃ ଜିଲ୍ଲା ୧୯ ବର୍ଷରୁ କମ୍ ଫୁଟବଲ ଚାମ୍ପିୟନସିପର ଆୟୋଜନ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ବଲାଙ୍ଗିର ଜିଲ୍ଲା ଅଂଶଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ଜିଲ୍ଲା କ୍ରୀଡା ସଂସଦର ଏହି ନିଷ୍ପତ୍ତି ଅନୁଯାୟୀ ଫୁଟବଲ ସମ୍ପାଦକ ଶରତ ନନ୍ଦ ଙ୍କ ତତ୍ତ୍ୱାବଧାନରେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମଠାରେ ଜିଲ୍ଲା ଦଳ ପାଇଁ ଖେଳାଳି ଚୟନ କରାଯାଇଥିଲା। ଜିଲ୍ଲାର ସମସ୍ତ ବ୍ଲକରୁ ୮୪ ଖେଳାଳି ଯୋଗଦାନ କରିଥିଲେ। ସମସ୍ତ ଖେଳାଳିଙ୍କ ପ୍ରତିଭା ତଥା ଦକ୍ଷତା ଦେଖି ଖେଳାଳି ଚୟନ କରାଯାଇଛି। ଶ୍ରୀକାନ୍ତ ରାଉତ, ଡା. ସିଦ୍ଧେଶ୍ୱର ମିଶ୍ର, ସୁଧାଂଶୁ ସେଠ, ପ୍ରଦୀପ ମହାରଣା, ଜିତୁ ଦଳାଇ, ହେମନ୍ତ ପଧାନ ପ୍ରମୁଖ ଚୟନ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ଜିଲ୍ଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, କୋଷାଧ୍ୟକ୍ଷ ହେମନ୍ତ ବେହେରା, ସଦସ୍ୟ କୈଳାସ କର୍ତ୍ତା, ଭୁପେନ୍ଦ୍ର ସିଂହ, ପ୍ରଭାତ ମିଶ୍ର, ବିଭୁତିପଣ୍ଡା ତଥା ଜିଲ୍ଲା କ୍ରୀଡ଼ାଧିକାରୀ ପରାସର ବାଗ ସହଯୋଗ କରିଥିଲେ।

# ଡାକ୍ତରୀ ପରୀକ୍ଷାରୁ ବାଦ ପଡ଼ିବେ ଭୀମଭୋଇ ମେଡିକାଲ ଛାତ୍ରଛାତ୍ରୀ

**ବଲାଙ୍ଗିର, ୪।୪(ସମିସ):** ଚଳିତ ବର୍ଷ ଲୋକସେବା ଆୟୋଗଙ୍କ ଦ୍ୱାରା ଡାକ୍ତରୀ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ପଦ ପାଇଁ ଫର୍ମପୂରଣର ଅବଧି ଗତ ମାର୍ଚ୍ଚ ମାସ ୨୫ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ଅପ୍ରିଲ ୨୪ ତାରିଖରେ ବନ୍ଦ ହୋଇଯିବା ନେଇ ସୂଚନା ରହିଛି। ତେବେ ଏଭଳି କ୍ଷେତ୍ରରେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜର ଛାତ୍ରଛାତ୍ରୀମାନେ ଏଥିରେ ଆବେଦନ କରି ପାରିବେ ନାହିଁ ବୋଲି ଭୀମ ଭୋଇ ହାଉସ୍ ସର୍ଜନ ୟୁନିଅନ ଅଭିଯୋଗ କରିଛି। ତା ଛଡ଼ା ଭୀମସାର, ବୁର୍ଲା ଓ ରାଉରକେଲା ହାଇଟେକ୍ ର ଛାତ୍ରଛାତ୍ରୀମାନେ ମଧ୍ୟ ଏଥିରୁ ବାଦ ପଡ଼ିବେ ବୋଲି କୁହାଯାଇଛି। ପ୍ରକାଶ ଯେ, ଭୀମଭୋଇ ମେଡିକାଲ କଲେଜ, ବଲାଙ୍ଗିର ଓ ରାଉରକେଲା ହାଇଟେକ କଲେଜର ହାଉସ ସର୍ଜନସିପ ଟ୍ରେନିଂ ଅପ୍ରିଲ ୨୧ରେ ସମ୍ପୂର୍ଣ୍ଣ ହେବାକୁ ଥିବାବେଳେ ବୁର୍ଲା ସ୍ଥିତ ଭୀମସାରର ଅପ୍ରିଲ ୨୫ରେ ସରିବ। ଟ୍ରେନିଂ ସମ୍ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ଉପରୋକ୍ତ ପଦ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଓସିଏମଆର୍‌ର ପାର୍ମାନେଣ୍ଟ ରେଜିଷ୍ଟ୍ରେସନ ଥିବା ନିହାତି ଆବଶ୍ୟକ। ଆହୁରି ରେଜିଷ୍ଟ୍ରେସନ ପାଇଁ ଅନ୍ତତଃ ୭ ରୁ ୧୦ ଦିନ ସମୟ ଲାଗିଥାଏ। ଏଭଳି କ୍ଷେତ୍ରରେ ଭୀମ ଭୋଇ ମେଡିକାଲ ଓ ହାଇଟେକ୍ ର ୨୧ରେ ଟ୍ରେନିଂ ସମ୍ପୂର୍ଣ୍ଣ ହେବା ସୁଦ୍ଧା ଅବଧି ମୁତାବକ ଅପ୍ରିଲ ୨୫ ତାରିଖ ସୁଦ୍ଧା ସେମାନେ ଓସିଏମଆର ରେଜିଷ୍ଟ୍ରେସନ ପାଇବା ଆଶା ଖୁବ କ୍ଷିଣ। ସେହିପରି ଭିମସାର, ବୁର୍ଲାର ଟ୍ରେନିଂ ଠିକ ଅପ୍ରିଲ ୨୫ରେ ସମ୍ପୂର୍ଣ୍ଣ ହେଉଥିବା ଯୋଗୁଁ ସେମାନେ ପଦ ପାଇବା ଏକ ରକମର ଅସମ୍ଭବ ହୋଇପଡ଼ିଛି। ଏହି ସମସ୍ୟାକୁ ନେଇ ଭୀମଭୋଇ ମେଡିକାଲ ଓ ଭୀମସାରର ହାଉସ ସର୍ଜନ ୟୁନିଅନ ଗତ ୩୦ ତାରିଖ ଦିନ ବାଲଙ୍ଗୀର ଭୀମ ଭୋଇ ମେଡିକାଲ ଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡା ମୁକେଶ ମହାଲିଙ୍ଗଙ୍କୁ ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ଏଯାଏଁ ଫର୍ମପୂରଣ ଅବଧି ବଢ଼ା ଯାଇ ନଥିବା ବେଳେ ସମୁଦାୟ ୪୦୦ ଜଣ ଡାକ୍ତରଙ୍କ ଭବିଷ୍ୟତ ଅନ୍ଧାର ରେ ଥିବା ଭୀମ ଭୌଇ ମେଡିକାଲ ହାଉସ ସର୍ଜ ୟୁନିଅନ ଅଭିଯୋଗ କରିଛି।

**ଷ୍ଟେସନରେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ**

**ଟିଟିଲାଗଡ଼, ୪।୪( ସମିସ):** ଟିଟିଲାଗଡ଼ ରେଳଷ୍ଟେସନରେ ବିହାରରୁ ଆସି କାମ କରୁଥିବା ଜଣେ ଶ୍ରମିକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଟିଟିଲାଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଅଣା ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ଏକ ମାମଲା ରୁଜୁକରିଛି।

# ଇସି ସଂଗଠନ ତରଫରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ



**ଦେଓଗାଁ, ୪।୪ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ୨୬ ପଞ୍ଚାୟତ ଅନ୍ତର୍ଗତ ଓଡ଼ିଶା ଜିବିକା ମିଶନରେ କାର୍ଯ୍ୟରତ କାର୍ଯ୍ୟକାରିଣୀ ସଦସ୍ୟା(ଇସି)ମାନେ ଚନ୍ଦ୍ରପୁର ଆମ୍ରକାନନ ଠାରେ ସଂଘ ସଭାପତି ଜାନକୀ ମେହେର ଓ ସମ୍ପାଦିକା ରଶ୍ମିତା ନିଆଲଙ୍କ ନେତୃତ୍ୱରେ ଏକତ୍ରିତ ହୋଇଥିଲେ। ସେଠାରେ ଇସି ସଦସ୍ୟାମାନଙ୍କୁ ବହିଷ୍କାର ନକରି ସେମାନଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ଦାବି ଉପରେ ଆଲୋଚନା କରିଥିଲେ। ପରେ ସେଠାରୁ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ପୁଷ୍ପାଞ୍ଜଳି ନାଏକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶଯେ, ସମସ୍ତ ଇସି ସଦସ୍ୟାଙ୍କୁ ପୁନର୍ଗଠନ ଆଳରେ ବାହାର କରିବାପାଇଁ ରାଜ୍ୟସରକାରଙ୍କ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯାହାକୁ ନେଇ ଇସି ସଦସ୍ୟାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତତ୍କାଳୀନ ସରକାରଙ୍କ ସମୟରେ ଋଣରେ ଆଣିଥିବା ସ୍କୁଟରର ଋଣଭାର ରହିଥିବାବେଳେ ସରକାର ଏମାନଙ୍କୁ ବହିଷ୍କାର କରିବା ନିର୍ଦ୍ଦେଶ ସମସ୍ତଙ୍କୁ ବ୍ୟଥିତ କରିଥିବା ପ୍ରକାଶ କରିବାସହ ଅତିକମରେ ଆଉ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାଳକୁ ବୃଦ୍ଧି କରିବାପାଇଁ ଦାବି କରିଥିଲେ।




**ବଲାଙ୍ଗିର ରାମଲୀଳା ନାଟକ ଅଭିନୟ ପାଇଁ ଯୁବ କଳାକାରଙ୍କୁ ସାମିଲ**

# ୭ ରୁ ୨୯ ଯାଏଁ ରାମମୟ ହେବ ସହର

**ବଲାଙ୍ଗିର, ୪।୪(ସମିସ):** ବଲାଙ୍ଗିର ରାମ୍‌ଜୀ ନାଟକ ସଂସଦ ପ୍ରତିବର୍ଷ ଭଳି ଏବର୍ଷ ରାମଲିଳା ନାଟକ ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସ୍ଥାନୀୟ ମାଉସୀ ମା ମନ୍ଦିର ପ୍ରାଙ୍ଗଣରେ ସମ୍ମିଳନୀରେ ଅନୁଷ୍ଠିତ ହୋଇଥିଲା। ଆସନ୍ତା ରବିବାର ରାମ ନବମୀ ଅବସରରେ ଶୋଭାଯାତ୍ରା ଏବଂ ବିଗ୍ରହଙ୍କୁ ରାମଜୀ ମନ୍ଦିରରୁ ଆଣି ଜଗନ୍ନାଥ ମନ୍ଦିରରେ ସ୍ଥାପନ କରାଯିବ। ସ୍ଥାନୀୟ ରାମଜୀପଡ଼ା ମନ୍ଦିରରୁ ବାହାରି ସହର ପରିକ୍ରମା କରି ରାମଲିଳା ନାଟକ ସ୍ଥାନରେ ପୂଜାର୍ଚ୍ଚନା କରାଯିବ। ଆସନ୍ତା ୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ରାତି ୧୦ ଟାରେ ରାମଲିଳା ନାଟକ ଅନୁଷ୍ଠିତ ହେବ। ଏ ବର୍ଷ ରାମଜୀ ନାଟକ ସଂସଦ ନାଟକ ପାଇଁ ବିଭିନ୍ନ ଅନୁଷ୍ଠାନର ଯୁବ କଳାକାରଙ୍କୁ ସାମିଲ କରାଯାଇଥିବା ବେଳେ ପୁଣି ଏ ବର୍ଷ ରୁଦ୍ର ନାରାୟଣ ପଟେଲ ରାବଣ ଭୂମିକାରେ ଅଭିନୟ କରିବେ ବୋଲି ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ଚିଦାନନ୍ଦ ବେହେରା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁଶ୍ରୀ ବାଳମୁକୁନ୍ଦ ବେହେରା, ସଭାପତି ବାସୁଦେବ ବେହେରା, କାର୍ଯ୍ୟକାରୀ ସଭାପତି ଶୁଶାନ୍ତ ଚୋପଦାର, କଳାକାର ଡା. ରୁଦ୍ର ନାରାୟଣ ପଟେଲ ମଞ୍ଚାସୀନ ଥିଲେ। ଧନ୍ୟବାଦ ଦେଇଥିଲେ ଶୈଳିନ ବାବୁ। ସ୍ଥାନୀୟ କଳାକାର ମାନସ ସାହୁ, ଲଳିତ ସାହୁ, ଆୟୁଷ୍ମାନ ତ୍ରିପାଠି, ରାମ ନାରାୟଣ ଦାଶ, ସୁବାସ ସାଏ, ଚୈତନ୍ୟ ମଟାରୀ, ପ୍ରଶାନ୍ତ ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।

**'ମୁଁ କଳାକାର'**

# ସଚେତନତା ଧର୍ମୀ ଗୀତର ସ୍ରଷ୍ଟା ବିଶି

**ବଲାଙ୍ଗିର, ୪।୪(ସମିସ)**

*କଳାପ୍ରତି କଳାକାର ରହିଥାଏ ସର୍ମପଣ ଭାବ। କଳାକୁ ବଞ୍ଚାଇବାକୁ ଅନବରତ କଳାକାର କରିଥାଏ ସଂଘର୍ଷ। ଏହି ସଂଘର୍ଷର ଭିଡ଼ ଭିତରେ କିଛି ହଜିଯାଆନ୍ତି ତ ଆଉକିଛି ସଫଳ ହୁଅନ୍ତି। ଏହି ଭିଡ଼ ଭିତରେ ହଜିଯାଉଥିବା ଅନେକ କଳାକାର ଆଗାମୀ ପିଢ଼ି ପାଇଁ ଏକ ମଞ୍ଚ ତିଆରି କରିବାରେ ସଫଳ ହୋଇଥାନ୍ତି। ଏହିଭଳି କଳାକାରଙ୍କ ସଂଘର୍ଷ ସଫଳତାର କାହାଣୀକୁ ନେଇ 'ସକାଳ'ର ଉପସ୍ଥାପନା 'ମୁଁ କଳାକାର'।*

ମାନବତାବାଦୀ, ସଚେତନଧର୍ମୀ ଗୀତର ଗାୟକ। ତାଙ୍କ ରଚନାରୁ ସୃଷ୍ଟି ହେଉଥିବା ଗୀତ ଆହୁରି ଶ୍ରୁତିମଧୁର ହୁଏ ଯେତେବେଳେ ସେ ନିଜ ରଚିତ ଗୀତରେ କଣ୍ଠଦାନ କରନ୍ତି। ମୁଁ କଳାକାରର ଏହି ଅଧ୍ୟାୟରେ ଆମେ ଏଭଳି ଜଣେ ପ୍ରତିଭାସମ୍ପନ୍ନ କଳାକାରଙ୍କ କାହାଣୀ କହିବୁ ଯିଏ ହଜାର ହଜାର କଳାକାରଙ୍କ ମଧ୍ୟର ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବଲାଙ୍ଗିର ସହର ତାଲପାଲି ପଡ଼ାରେ ରହୁଥିବା ବିଶି ଓରଫ ଲକ୍ଷ୍ମୀକାନ୍ତ ନାଗ(୪୯)। ଲୋକଙ୍କ ମଧ୍ୟରେ ଆନ୍ଦୋଳନାତ୍ମକ ଏବଂ ସଚେତନତା ଭାବ ସୃଷ୍ଟି କରୁଥିବା ଗୀତର ରଚୟିତା ତଥା କଣ୍ଠଶିଳ୍ପୀ ଭାବରେ ବେଶ୍ ଜଣାଶୁଣା।

ଜନସଚେତନତା, ପ୍ରଥପ୍ରାନ୍ତ କିମ୍ବା ସଚେତନତ ଧର୍ମୀ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ଯେତେବେଳେ ନୂଆ ଗୀତର ଆବଶ୍ୟକତା ପଡେ ଖୋଜାପଡ଼ନ୍ତି ବିଶି। ସେହିଭଳି ସମାଜର ଅବହେଳିତ, ନିଷ୍ପେଷିତ ଲୋକଙ୍କ କଥା ବ୍ୟଥାକୁ ନିଜର ଗୀତ ମାଧ୍ୟମରେ ବଖାଣିବାର କଳା ତାଙ୍କୁ ଅନ୍ୟକଳାକାର ମାନଙ୍କ ଠାରୁ ସ୍ୱତନ୍ତ୍ର କରେ। ବିଶି ଦୀର୍ଘ ୩୦ ବର୍ଷ ହେଲା ଗୀତ ରଚନା କରୁଛନ୍ତି ଓ ଗୀତ ଗାଉଛନ୍ତି ମଧ୍ୟ। ବାପା ସ୍ୱର୍ଗତଃ ବାସୁଦେବ ନାଗ ଜଣେ ସଂକୀର୍ତ୍ତନ ବାହାକ ଥିଲେ। ମା' ଯଶୋବନ୍ତୀ ନାଗ ଗୃହିଣୀ। ପରିବାରରେ ବାପା କାକା ସମେସ୍ତ କଳାକାର



ଥିବାରୁ ସେ ମଧ୍ୟ ପିଲାଟି ଦିନରୁ କଳାପ୍ରତି ଆକର୍ଷିତ ହୋଇଛନ୍ତି। ବିଶ୍ୱ ପ୍ରସିଦ୍ଧ ରଙ୍ଗବତୀ ଗୀତର ଗାୟକ ପଦ୍ମଶ୍ରୀ ଡ. ଜିତେନ୍ଦ୍ରୀୟହରିପାଲଙ୍କୁ ତାଙ୍କର ଆଦର୍ଶ ଭାବରେ ଗ୍ରହଣକରି ତାଙ୍କ ସହିତ ଦୀର୍ଘ ୧୦ ବର୍ଷ ବୁଲିବୁଲି କାମ କରିଛନ୍ତି। ସଂକୀର୍ତ୍ତନ କାର୍ଯ୍ୟକ୍ରମ ହେଉକି ମେଲୋଡି, ଡ୍ରାମା ଭଳି ସମସ୍ତ କ୍ଷେତ୍ରରେ ଗୀତ ଗାଇଛନ୍ତି ବିଶି। ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ ସଚେତନତାଧର୍ମୀ ଗୀତ ରଚନା କରିଛନ୍ତି। ସେହିଭଳି ରେଡିଓରେ ଜଣେ କଣ୍ଠଶିଳ୍ପୀ ଭାବରେ କାମ କରିଛନ୍ତି। ଏବଂ ଷ୍ଟୁଡିଓରେ ଆଲବମ ଗୀତ ମଧ୍ୟ ଗାଇଛନ୍ତି। ସେ ଗାଇଥିବା ଗୀତ ଗୁଡିକ ମଧ୍ୟରେ 'ଚକା ମୁହିଁ ହୀରା ମୁହିଁ', 'କିରିଆ କିରିଆ ତୋର କିରିଆ', 'ମାକଡ୍ ବିହା' ଏଭଳି ଅନେକ ଗୀତ ରହିଛି। ୩୦ ବର୍ଷର ସଙ୍ଗୀତ ଯାତ୍ରା ମଧ୍ୟରେ ଓଡ଼ିଶାର ପ୍ରାୟ ସମସ୍ତ ଜିଲ୍ଲା ଏବଂ ଓଡ଼ିଶା ବାହାରେ ବମ୍ବେ, ଆହ୍ଲାବାଦ, ଦିଲ୍ଲୀ, ବେଙ୍ଗଲୋର, ନାଗପୁର ସହରର ବଡ଼ବଡ଼ ମଞ୍ଚରେ ଗୀତ ଗାଇଛନ୍ତି। ମା ଓ ପୁଅକୁ ନେଇ ତାଙ୍କର ଛୋଟିଆ ପରିବାର ରହିଛି। ସମାଜର ପଛୁଆ ବର୍ଗଙ୍କ ପାଇଁ ସବୁବେଳେ ତାଙ୍କ କଲମ ମୁନରୁ ପଦ ନିଃସୃତ ହେଉଥିବ ଏବଂ ତାକୁ ଗୀତରେ ସଜେଇ ଜୀବନ ଥିବା ପର୍ଯ୍ୟନ୍ତ ଗାଉଥିବେ ବୋଲି ବିଶି ନିଜର ପ୍ରତିକ୍ରିୟାରେ କହିଛନ୍ତି। ଲୋକଙ୍କ ମନରେ ଜାଗ୍ରତ ଭାବନା ଆଣିବା ପାଇଁ ତାଙ୍କ ଭଳି ଆହୁରି କଳାକାର ଜନ୍ମନେବାର ଆବଶ୍ୟକତା ରହିଛି ବୋଲି ଲୋକେ ମତ ଦିଅନ୍ତି।

### ଆଦିବାସୀ ମହିଳାଙ୍କ ଭାବନା ସହ ଖେଳୁଛନ୍ତି ଲଘୁଖଣି ମାଫିଆ

# ସତ ଖୋଲିଦେଲା ନୋଟିସର ନିରବତା

**ଭବାନୀପାଟଣା, ୪।୪ (ସମିସ):** ପ୍ରାକୃତିକ ସମ୍ପଦ ତଥା ଲଘୁଖଣିକୁ ନେଇ କୋଟି କୋଟି ଟଙ୍କାର ବ୍ୟବସାୟ ହେଉଛି।ସେହି ସମ୍ପଦର ସୁରକ୍ଷା ନିମନ୍ତେ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଉନାହିଁ। ମଣିଷ ଯେପରି ଲଘୁଖଣି ଉପରେ ନଜର ପକାଇ ଧ୍ୱଂସ କରି ଚାଲିଛି ତାହା ଜୀବନ ବିପନ୍ନ ହେବା ସୁନିଶ୍ଚିତ କରୁଛି। ତେବେ ସମଗ୍ର କଳାହାଣ୍ଡି ଜିଲ୍ଲା ପ୍ରାକୃତିକ ପରିବେଶ ଓ ଖଣି ଖାଦାନରେ ଭରପୁର। ବୃହତ୍ତ ଶିଳ୍ପପତିଙ୍କୁ ବାଦଦେଲେ ଲଘୁଖଣି ପାଇଁ ଏବେ କଳାହାଣ୍ଡିର ଯେମିତି ଚାରି ଦ୍ୱାର ଖୋଲା ପଡ଼ିଛି। ମାଫିଆଙ୍କ ଲାଗି ନଦୀବାଲି, ପାହାଡ଼ର ପଥର, ମାଟି ଓ ମୋରମ ସୁଯୋଗ ସୃଷ୍ଟି କରିଛି। ବିଶେଷ କରି ଲାଞ୍ଜିଗଡ଼ ବ୍ଲକରେ ଥିବା ଏକ ବେଆଇନ କ୍ରସର ୟୁନିଟ୍ ସମୁଦାୟ ପ୍ରଶାସନ ଓ ଖଣି ବିଭାଗର ପାରିବା ପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ତେବେ ବିଳମ୍ବରେ ହେଉ ପଛେ ଜିଲ୍ଲାପାଳ ଏ ସମ୍ପକରେ ଅବଗତ ହୋଇଛନ୍ତି। ଆଦିବାସୀଙ୍କ ଜମିକୁ ସାଧାରଣ ଲୋକ ବିନା ସରକାରୀ ଅନୁମତିରେ ଲିଜ୍ ନେଇ କ୍ରସର ଚଳାଉଥିବା ଜାଣିବା ପରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଆଦିବାସୀଙ୍କ ସହ ହୋଇଥିବା ଚୁକ୍ତିକୁ ବାତିଲ କରିଛନ୍ତି। ଏ ସମ୍ପର୍କିତ ଏନଓସିକୁ ବେଆଇନ ଦର୍ଶାଇଛନ୍ତି।

**ବେଆଇନ କ୍ରସ୍‌ର ଉପରେ ରୋକ ଲଗାଇଲେ ଜିଲ୍ଲାପାଳ**

**ମହିଳାଙ୍କ ନାଁରେ ବେଆଇନ ଚୁକ୍ତି ଓ ଏନ୍‌ଓସି ବାତିଲ**

ବିଶ୍ୱନାଥପୁର ତଳିପଡ଼ାର ଆଦିବାସୀ ମହିଳା ମଙ୍ଗୁ ମାଝୀ ନାମ୍ନୀ ଜଣେ ମହିଳାଙ୍କ ଖାତା ନମ୍ବର୍ ୫, ପ୍ଲଟ ନମ୍ବର ୨୭୬/୩୧୨ରେ ଲାଞ୍ଜିଗଡ଼ ତହସିଲଦାରଙ୍କ ସୁପାରିଶ କ୍ରମେ ଏକ ପଥର ଖଣି ପାଇଁ ଦିଆଯାଇଥିବା ଏନଓସି ଶେଷରେ ବାତିଲ ହୋଇଛି। କ୍ରସର ବସାଇଥିବା ତଥା କଳାହାଣ୍ଡି ଜିଲ୍ଲାରେ ଖଣି ଲୁଟ୍ କରି କୋଟି କୋଟି ଟଙ୍କା ଅର୍ଜନ କରିଥିବା ଜଣେ ଖଣି ମାଫିଆ ସେହି ଅଞ୍ଚଳର ଆଉ ଜଣେ ସାଧାରଣ ବ୍ୟକ୍ତିଙ୍କ ନାଁରେ ଲିଜ୍ ନେଇ ଖଣି ଲୁଟୁଥିଲେ। ଅଭିଯୋଗ ହେବା ପରେ ପ୍ରଶାସନ ମୁଣ୍ଡ ପୁରାଇଥିଲା। ବିନା ସରକାରୀ ଅନୁମତିରେ ମଙ୍ଗୁ ମାଝୀ କିପରି ସୌମ୍ୟ ରଞ୍ଜନ ଦାଶଙ୍କ ସହ ଚୁକ୍ତି କରିଥିଲେ ବୋଲି କାରଣ ଦର୍ଶାଅ ନୋଟିସ ଜାରି କରି ଜବାବ ମଗାଯାଇଥିଲା। ମଙ୍ଗୁ ମାଝୀ କିନ୍ତୁ ମାସେ ଭିତରେ କୌଣସି ଜବାବ ଦେଇ ନ ଥିଲେ କି ହଜାର ମଧ୍ୟ ହୋଇ ନ ଥିଲେ। ମଙ୍ଗୁ ମାଝୀଙ୍କ ସହ ହୋଇଥିବା ଚୁକ୍ତି ସମ୍ପର୍କିତ ସମସ୍ତ କାଗଜପତ୍ର ମଧ୍ୟ ଜାଲିଆତି ବୋଲି ଜଣା ପଡ଼ିଛି। ଏଣୁ ପରିବେଶ ବିଭାଗ କିଭଳି ଏନଓସି ଦେଲା ତାହା ଏବେ ପ୍ରଶ୍ନ ଘେରକୁ ଆସିଛି। ସେହିଭଳି ଏନଓସି ଦେବା ପୂର୍ବରୁ ପ୍ରଶାସନ ମଧ୍ୟ କେମିତି ଜାଣି ପାରିଲା ନାହିଁ ତାହା ଆଉ ଏକ ପ୍ରଶ୍ନ ସୃଷ୍ଟି କରିଛି। ଯେଉଁ ଅଧିକାରୀମାନେ ଏହି ଦୁର୍ନୀତିରେ ସାମିଲ ତାଙ୍କ ନାଁରେ କାର୍ଯ୍ୟାନୁଷ୍ଠାନ ହେବ ନା କେବଳ ଏନଓସି ବାତିଲରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିବ ତାହା ଏବେ ପ୍ରଶ୍ନ। ଯେଉଁମାନେ ଗରିବ ମହିଳାଙ୍କ ନାଁରେ ଜାଲିଆତି କରିଛନ୍ତି; ନିୟମ ଅନୁଯାୟୀ ତାଙ୍କ ନାଁରେ କାହିଁକି ଫୌଜଦାରୀ ମାମଲା ଦାୟର ହେଉନାହିଁ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ସୃଷ୍ଟି କରିଛି।

କଳାହାଣ୍ଡିରେ ପାହାଡ଼କୁ ବେଆଇନ ରୂପେ ଲିଜ୍ ସୂତ୍ରରେ ନେବା ପଛରେ ଗତ କିଛି ବର୍ଷ ଧରି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଏହାସହ ରାଜନୈତିକ ନେତାଙ୍କ ପୃଷ୍ଠପୋଷକତା ଏବଂ ପ୍ରଶାସନର ନିରବତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଆଦିବାସୀଙ୍କ ଭାବନା ସହ ଖେଳ ଚାଲିଥିବା ସ୍ପଷ୍ଟ ଧରାପଡୁଛି। ବର୍ତ୍ତମାନ ନିରୀହ ଆଦିବାସୀଙ୍କୁ ଢାଲ କରି ଜମିମାଫିଆ ଓ ଖଣି ଲୁଟେରା ଦୁର୍ଗମ ଆଉ ଅବହେଳିତ ଅଞ୍ଚଳରେ ଲଘୁଖଣି ଲୁଟିବାର ଷଡ଼ଯନ୍ତ୍ର ରଚି ସଫଳ ହୋଇ ଚାଲିଛନ୍ତି। ବିପିଏଲ କାର୍ଡଧାରୀ ମଙ୍ଗୁ ମାଝୀଙ୍କ ଭଳି ଜଣେ ନିରୀହ ଆଦିବାସୀଙ୍କ ନାଁରେ ପ୍ରାୟ ୫ କୋଟି ଟଙ୍କାର ଏକ ବଡ଼ କ୍ରସର ଚାଲିଥିଲା। ଯେଉଁଥିରୁ ମେଟାଲ, କ୍ରସର ଗୁଣ୍ଡ, ଛୋଟ ବଜୁରି, ଚିପ୍ସ ଇତ୍ୟାଦି ଶହ ଶହ ଟ୍ରକ୍‌ର ସାମଗ୍ରୀ ଚାଲାଣ ହେଉଥିଲା। ଏଥିରୁ ସରକାର ଠିକ୍ ରୂପେ ରାଜସ୍ୱ ପାଉଥିଲେ କି ହରାଉଥିଲେ ତାହା ତଦନ୍ତ ସାପେକ୍ଷ। ମଙ୍ଗୁ ମାଝୀଙ୍କ ନାଁରେ ଏକ ନକଲି ଜିଏସଟି ସାର୍ଟିଫିକେଟ ପ୍ରସ୍ତୁତ କରିବା ଓ ପ୍ରୋଜେକ୍ଟ ରିପୋର୍ଟ ମଧ୍ୟ ପ୍ରସ୍ତୁତ କରାଯାଇଥିବା ସୂଚନା ମିଳିଛି। ପ୍ରୋଜେକ୍ଟ ରିପୋର୍ଟର ବୈଧତା ମଧ୍ୟ ସନ୍ଦେହରେ ରହିଛି। ଅନ୍ୟପକ୍ଷରେ ଏହି ରିପୋର୍ଟ ଆଧାରରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କ୍ରସର ବସାଇବାକୁ ଅନୁମତି ପ୍ରଦାନ କରିଥିବା କୁହାଯାଉଛି। ତେବେ କାଗଜପତ୍ର ଯାଞ୍ଚ ନ କରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କ୍ରସର ଚଳାଇବାକୁ କିପରି ଅନୁମତି ଦେଲା ତାହା ହିଁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। କଳାହାଣ୍ଡି ଜିଲ୍ଲାପାଳ ଗତ ଜାନୁଆରୀ ୩୦ ତାରିଖ ଦିନ ଅନଭିଜ୍ଞ ମଙ୍ଗୁ ମାଝୀଙ୍କୁ ନୋଟିସ କରିଥିଲେ। ଆଦିବାସୀ ଅଞ୍ଚଳରେ ଆଦିବାସୀ ଜମିକୁ ବିନା ସରକାରୀ ଅନୁମତିରେ କିପରି ସୌମ୍ୟ ରଞ୍ଜନ ଦାସଙ୍କୁ ଦେଲେ ବୋଲି ନୋଟିସରେ ଉଲ୍ଲେଖ ଥିଲା। ତେବେ ୭ଦିନ ମଧ୍ୟରେ ଜବାବ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ନୋଟିସ ସ୍ୱତନ୍ତ୍ର ଭାବରେ ଦେବା ପାଇଁ ଲାଞ୍ଜିଗଡ଼ ତହସିଲଦାରଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିଲା। ଶେଷରେ ମଙ୍ଗୁ ମାଝୀଙ୍କ ନୀରବତା ସବୁ ସତ ଖୋଲି ଦେଇଥିଲା। ତେବେ ଏହି ବେଆଇନ କ୍ରସର ସମ୍ପର୍କରେ ଖଣି ବିଭାଗ ଉପ ଖଣି ନିର୍ଦ୍ଦେଶକଙ୍କୁ ପଚରାଯିବାରୁ ଏନଓସି ଦେବା କାର୍ଯ୍ୟ ଜିଲ୍ଲା ପ୍ରଶାସନର ଦାୟିତ୍ୱ। ଅନ୍ୟପକ୍ଷେ ରାଜସ୍ୱ ପାଇଁ କେବେ ଚଢ଼ଉ ହୋଇଥିଲା କି ବୋଲି ପ୍ରଶ୍ନର କିନ୍ତୁ ଉତ୍ତର ମିଳି ନ ଥିଲା। ତେବେ ଏହା ଗୋଟିଏ ଘଟଣା ନୁହେଁ। କଳାହାଣ୍ଡି ଜିଲ୍ଲାରେ ଲଘୁ ଖଣି ଖନନ ଲଗାମଛଡ଼ା ବୋଲି ଏଥିରୁ ସ୍ପଷ୍ଟ ହେଉଛି

## ସହୀଦ ବିଜେନ୍ଦ୍ର ନାଥ ରାଉତଙ୍କ ସ୍ମୃତିଚାରଣ



**ଧର୍ମଗଡ଼, ୪।୪(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବୃନ୍ଦାବାହାଲସ୍ଥିତ ସହୀଦ ବିଜେନ୍ଦ୍ର ନାଥ ରାଉତଙ୍କ ସ୍ମୃତି ପୀଠ ରେ ସହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ଶ୍ରୀଧର ପଣ୍ଡା, ଅତିରିକ୍ତ ତହସିଲଦାର ଜୟସେନ ଧରୁଆ, ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ସ୍ଥାନୀୟ ସରପଞ୍ଚ ଇଂ. ଦିନେଶ ରାଉତ, ସମିତି ସଭ୍ୟ ଗୋରେଖ ବିଶି, ସାମାଜିକ କର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ, ଅବସରପ୍ରାପ୍ତ ସେନା ଅଧିକାରୀ ଗଣେଶ ଚନ୍ଦ୍ର ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନବରତ୍ନ ରାଉତ, ସହୀଦଙ୍କ ବାପା ପତିତ ରାଉତ, ଭଉଣୀ ମାଣିକ୍ୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସହୀଦ ଯବାନ ବିଜେନ୍ଦ୍ରନାଥ ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ସହିଦଙ୍କ ସ୍ମୃତିଚାରଣ କରିଥିଲେ। ସଞ୍ଜୀବ ରାଉତ, ଜଗତରାମ ରାଉତ, ପ୍ରହଲ୍ଲାଦ ରାଉତ, ନନ୍ଦ ସେଠିଆ, ମୁରଲୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ୨୦୧୦ମସିହା ଏପ୍ରିଲ ୪ରିଖ ଦିନ ମାଲକାନଗିରିରୁ କମ୍ପ ସାରି ଫେରୁଥିବା ସମୟରେ ମାଓବାଦୀଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ବିଜେନ୍ଦ୍ର ସହୀଦ ହୋଇଥିଲେ।

## ଶିକ୍ଷା ସଚେତନତା ରଥକୁ ସ୍ୱାଗତ



**କେସିଙ୍ଗା, ୪।୪(ସମିସ):** କାଣ୍ଡେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ କେସିଙ୍ଗା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଶିକ୍ଷା ସଚେତନ ରଥ ଉଦ୍‌ଘାଟିତ ହୋଇଛି। କାଣ୍ଡେଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହା ଏହି ସଚେତନତା ରଥକୁ ସ୍ୱାଗତ କରିଥିଲେ। ସିଆରସିସି ଆଶୁତୋଷ ଭୋଇ, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଓ ଶିକ୍ଷକଗଣ ଯୋଗ ଦେଇଥିଲେ।

## ଭାଟିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଧର୍ମଗଡ଼, ୪।୪(ସମିସ):** ଗୋଲାମୁଣ୍ଡା ବ୍ଲକ କେଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଭାଟିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗୋଲମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ବାଗ, ସହକାରୀ ଶିକ୍ଷା ଅଧିକାରିଣୀ ଲିନା ଦାସ, ମହାଲିଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେଶ ନାଏକ, କେଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖିରୋଦ ସାହୁ, କେଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରଙ୍ଗାଧର ଛତ୍ରିଆ, ବରିଷ୍ଠ ଶିକ୍ଷକ କାହ୍ନୁ ସିଂ, ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁଦର୍ଶନ ପଟେଲ, ଶିକ୍ଷୟତ୍ରୀ ସୌଭାଗ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ରମେଶ କୁମାର ପରିଚାଳନା କରିଥିଲେ। ଗୀତାଞ୍ଜଳି ସାହୁ, ଧନଞ୍ଜୟ ସାହୁ, ଅଶ୍ମିତା ସିଂ ପ୍ରମୁଖ ସହଯୋଗ କରିଥିଲେ।

## ବିଦାୟକାଳୀନ ସଭାରେ ଶିକ୍ଷକଙ୍କ ପ୍ରଶଂସା କଲେ ସହକର୍ମୀ

**ଭବାନୀପାଟଣା, ୪।୪ (ସମିସ):** ଭବାନୀପାଟଣା ସଦର ବ୍ଲକ ଲକ୍ଷ୍ମୀପୁର ପଞ୍ଚାୟତର ଭବାନୀପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଧିର ରଥ ଚାକିରିରୁ ଅବସର ନେଇଛନ୍ତି। ବିଦ୍ୟାଳୟରେ ତାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ବିଦାୟକାଳୀନ ସଭାରେ ଧିରେନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଦୀପ ସାହୁଙ୍କ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲ। ବ୍ଲକ ଶିକ୍ଷା ଅଧିକାରୀ ଆଚାରୀ ଶବର, ଏବିଓ ଜୟସେନ ମାଝୀ, ହୃଷି ନାଏକ, ଜଗଦୀଶ ମୁଣ୍ଡ, କାଳିନ୍ଦ୍ରୀ ପଟ୍ଟନାୟକ, ଲାଞ୍ଜିଗଡ଼ ବ୍ଲକର ଏବିଓ ସୁଢଳ ମୁଣ୍ଡ, ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ନେଗୀ, ଶିକ୍ଷୟତ୍ରୀ ମମତା ଦାଶ, ବିଜୟଲକ୍ଷ୍ମୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତ ଅଧୀନ ଜବାହାର ଉଚ୍ଚ ବିଦ୍ୟାପୀଠର ୨୦୦୪ ମାଟ୍ରିକ ବ୍ୟାଚର ବନ୍ଧୁମିଳନରେ ଏକତ୍ରିତ ହୋଇଥିବା ପୁରାତନ ଛାତ୍ରଛାତ୍ରୀ।

## ଜାମଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼, ୪।୪(ସମିସ):** ଲାଞ୍ଜିଗଡ଼ ବ୍ଲକ କଦମ୍ବଗୁଡ଼ା ପଞ୍ଚାୟତ ଜାମଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରକ୍ଷିଆ ମେହେର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ଶିକ୍ଷା ସଂଯୋଜକ ସୁଢଳଦେବ ମୁଣ୍ଡ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତଭୂଷଣ ସାହୁ, କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ପଟ୍ଟନାୟକ, ହରିଶଙ୍କର ପାତ୍ର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ସାମ୍ବାଦିକ ସୁଶୀଲ ବାଗ, ଗୋପାଳଦାସ ମହାନନ୍ଦ, କଦମ୍ବଗୁଡା ସରପଞ୍ଚ ସନ୍ତୋଷ ମାଝୀ, ପୂର୍ବତନ ସମିତିସଭ୍ୟ ସରୋଜ ପ୍ରଧାନ, ଗୌନ୍ତିଆ ଡମ୍ବରୁଧର ଗଉଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନଶିକ୍ଷକ ଲିଙ୍ଗରାଜ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ତପନ ଭୋଇ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ଗୁଣନିଧି ଛତ୍ରିଆ, ଗୌର ମାଝୀ, ସୁରେଶ ମହାରଣାଙ୍କ ସହ ଶିକ୍ଷକ କବିରାଜ ଶବର, ରିଙ୍କୁ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

## ଓଡ଼ିଆରେ ନାମଫଳକ ପାଇଁ ପରାମର୍ଶ



**ଭବାନୀପାଟଣା, ୪।୪ (ସମିସ):** କଳାହାଣ୍ଡି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଓଡିଆ ପକ୍ଷ ପାଳନ କରାଯାଇଛି। ଅବସରରେ ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନର ନାମ ଫଳକ ଓଡିଆ ଭାଷାରେ ଲେଖିବା ପାଇଁ ଆହ୍ୱାନ ଦିଆଯାଇଛି। ଏଥିଲାଗି ଏକ ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି। ଏଥି ସହିତ ଏକ ସଚେତନତା ରଥକୁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଏବଂ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଚେତନତା ପଦଯାତ୍ରାରେ ସାମିଲ ହୋଇ ସମସ୍ତେ ସହର ପରିକ୍ରମା କରିଥିଲେ। ଏଥିରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ପ୍ରଭାତ ପରିଡ଼ା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ ନିଶା ପ୍ରମୁଖ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀ, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମୀ, ବିଭିନ୍ନ ସମାଜସେବୀ ସଂଗଠନ ଏବଂ ଶ୍ରମିକ ସଂଘ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

# କାର୍ଯ୍ୟରେ ଅବହେଳା କରୁଥିବା ଶିକ୍ଷକଙ୍କୁ ଅନୁକମ୍ପା

- ନିୟମିତ ସ୍କୁଲ ଆସୁ ନାହାନ୍ତି
- ଡାକ୍ତରୀ ପ୍ରମାଣପତ୍ର ଯୋଗାଡ଼ ପାଇଁ ସୁଯୋଗ

**କଲମପୁର, ୪।୪(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ମିନଗୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଜଣେ ଶିକ୍ଷକ କିଛିଦିନ ହେଲା ଚର୍ଚ୍ଚାରେ ରହିଛନ୍ତି। ନିଜ କାର୍ଯ୍ୟରେ ଅବହେଳା କରୁଥିବା ସମ୍ପୃକ୍ତ ଶିକ୍ଷକଙ୍କୁ ଶିକ୍ଷା ବିଭାଗ ଅହେତୁକ ଅନୁକମ୍ପା ଦେଖାଯାଉଛି। ସେ ନିୟମିତ ସ୍କୁଲ ଆସୁ ନାହାନ୍ତି। ଏ ନେଇ ନିକଟରେ ବିବାଦ ଦେଖା ଦେଇଥିଲା। ଏବେ ତାଙ୍କୁ ଖସାଇଦେବାକୁ ଶିକ୍ଷା ବିଭାଗର ଅଧିକାରୀମାନେ ଲାଗି ପଡ଼ିଛନ୍ତି। ଏଥିପାଇଁ ଯେତେ ଶୀଘ୍ର ସମ୍ଭବ ଏକ ଡାକ୍ତରୀ ପ୍ରମାଣପତ୍ର ଯୋଗାଡ଼ ପାଇଁ ସୁଯୋଗ ଦିଆଯାଇଛି।

ଗତ ଶନିବାର ସେ ବିନା ନୁମତିରେ ଅନୁପସ୍ଥିତ ଥିଲେ। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାପରେ ଏହି ମାମଲା ଯାଇ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀଙ୍କ ନିକଟରେ ପହଞ୍ଚିଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀଣୀଙ୍କ ନିର୍ଦ୍ଦେଶ କ୍ରମେ ମିନଗୁର ସିଆରସିସି ଉଦୟ ମାଝି ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚି ତାଲା ଭାଙ୍ଗି ସ୍କୁଲ ଖୋଲିଥିଲେ। ଏହି ଘଟଣାକୁ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସ୍ୱୀକାର କରିଥିଲେ। ସମ୍ପୃକ୍ତ ଶିକ୍ଷକଙ୍କୁ କୈଫିୟତ ତଲବ କରି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ। ଯାହା ନିର୍ଦ୍ଦେଶ ଆସିବ ସେହି ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏପର୍ଯ୍ୟନ୍ତ କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହା ଫଳରେ ଅଭିଭାବକ ମହଲରେ ଅସନ୍ତୋଷ ଦେଖା ଦେଇଛି। କୈଫିୟତ ତଲବ କରିବା ତ ଦୂରର କଥା; ସତ୍ୟତା ଜାଣିବା ନିମନ୍ତେ ମଧ୍ୟ ଏଯାଏଁ କୌଣସି ଅଧିକାରୀ ସମ୍ପୃକ୍ତ ବିଦ୍ୟାଳୟକୁ ଗସ୍ତ କରି ନାହାନ୍ତି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଏକାଧିକ ଥର ଅଭିଯୋଗ ହୋଇଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ କହିଥିବା ବେଳେ ସମ୍ପୃକ୍ତ ଶିକ୍ଷକ ନିଶାସକ୍ତ ଅବସ୍ଥାରେ ଶିକ୍ଷାଦାନ କରୁଥିବା ଭଳି ସଙ୍ଗିନ ଅଭିଯୋଗ ହୋଇ ଆସୁଛି। ଏଭଳି ଶିକ୍ଷକଙ୍କ ବିରୋଧରେ କାହିଁକି ଶିକ୍ଷା ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ତାହା ହିଁ ପ୍ରଶ୍ନ ସୃଷ୍ଟି କରିଛି। ତେବେ ଜଣେ ବିଭାଗୀୟ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ ସୂଚନା ଦେଇଛନ୍ତି ଯେ, ଏହାକୁ ସମସ୍ତେ ମିଳିମିଶି ଚାପି ଦେବାକୁ ମସୁଧା ଚଳାଇଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କୁ ଡାକ୍ତରୀ ପ୍ରମାଣ ପତ୍ର ଯୋଗାଡ ପାଇଁ ସୁଯୋଗ ଦିଆଯାଇଛି। ଏବେ ସମ୍ପୃକ୍ତ ଶିକ୍ଷକ କିଛି ଦିନର ବ୍ୟବଧାନ ପରେ ସେହି ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ପ୍ରକାଶ ଯେ ମିନଗୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ନିଯୋଜିତ ଥିଲେ। ସହକାରୀ ଶିକ୍ଷକ ନୁରଯାହା ପ୍ରଧାନ ଛୁଟିରେ ରହିଥିବା ବେଳେ ଏକମାତ୍ର ଶିକ୍ଷକ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗିନ୍ଦ୍ର ଭୋଇ ଦାୟିତ୍ୱ ନିର୍ବାହ କରୁଥିଲେ। ଗତ ଶନିବାର ସକାଳ ୮ଟା ପର୍ଯ୍ୟନ୍ତ ସ୍କୁଲ ଖୋଲାଯାଇ ନ ଥିଲା। ଏହାଫଳରେ ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସିଆରସିସି ଶ୍ରୀ ମାଝି ସ୍କୁଲକୁ ଆସି ତାଲା ଭାଙ୍ଗି ଖୋଲିଥିଲେ।

## ଗୋଡାଲରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ



**ସିନାପାଲି, ୪।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ଥିତ ଗୋଡାଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିନାପାଲି ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିନାପାଲି ବ୍ଲକର ବିଭିନ୍ନ କ୍ଲଷ୍ଟରର ୨୦ ଜଣ ଶିଶୁ ବାଟିକା ଶିଶୁଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରି ଶୁଭାରମ୍ଭ କରାଯାଇଥିଲା। ଗୋଷ୍ଠି ଶିକ୍ଷା ଅଧିକାରୀ ଯତୀନ୍ଦ୍ର କୁମାର ସେଠ ଶିଶୁଙ୍କୁ ସିଲଟ ଖଡ଼ି ଛୁଆଁ କରି ଶିଶୁଙ୍କ ମଙ୍ଗଳ ମନାସି ଭବିଷ୍ୟ କାମନା କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ସିନାପାଲ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଝରଣା ଶତପଥି, ସମ୍ମାନିତ ଅତିଥି ଭାବରେ ସହ ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, ଗୋଡ଼ାଲ ପଞ୍ଚାୟତ ସମିତି ସଭ୍ୟା ପଙ୍କଜିନି ବାଗ, ଗୋଡ଼ାଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ଯୋଶୀ, ଅଙ୍ଗନୱାଡ଼ି ସୁପରଭାଇଜର ଦମୟନ୍ତୀ ଜେନା ମଞ୍ଚାସିନ ଥିଲେ।କାର୍ଯ୍ୟକ୍ରମରେ ଗୋଡାଲ କ୍ଲଷ୍ଟର ସିଆରସିସି ସୁଶିଲ କୁମାର ଯୋଷୀ, ସିଙ୍ଗଝର କ୍ଲଷ୍ଟର ସିଆରସିସି ଜୟକୃଷ୍ଣ ଯୋଷୀ, କେନ୍ଦୁମୁଣ୍ଡା କ୍ଲଷ୍ଟର ସିଆରସିସି ଦିବ୍ୟ ରଞ୍ଜନ ପାଢ଼ୀ, ଯୋଗୀବାହାଲ କ୍ଲଷ୍ଟର ସିଆରସିସି ରମାକାନ୍ତ ମେହେର ସମେତ ବୁଦ୍ଧିଜୀବୀ, ଅଭିଭାବକ ଅଭିଭାବିକା ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ସୁନାନୀ ପରିଚାଳନା କରିଥିବା ବେଳେ ସୁଧୀର କୁମାର ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କୁ ରୋଜଗାର ଦେଉଛି କୁଲେର ଶାଗ

**କୋକସରା, ୪।୪(ସମିସ):**



ସାଧାରଣତଃ ଲୋକେ ଖରାଦିନେ ପଖାଳ ଖାଇବା କିମ୍ବା ମାଣ୍ଡିଆ ପେଜ ପିଇବା ପାଇଁ ବେଶ୍ ଆଗ୍ରହ କରନ୍ତି। ଆଉ ଯଦି ଏଥିରେ ଶାଗ ଭଜା ଟିକେ ହେଲା ତେବେ ଆତ୍ମସନ୍ତୋଷ ମିଳିଯାଏ। ମନକୁ ଫୁର୍ତ୍ତି ଲାଗେ। ତେବେ ଋତୁ ଅନୁସାରେ ବିଭିନ୍ନ ଶାଗର ମଧ୍ୟ ବେଶ୍ ଚାହିଦା ରହିଥାଏ। ବର୍ତ୍ତମାନ ଗଛରେ ପତ୍ରଝଡ଼ା ହେବା ସହ ନୂଆପତ୍ର କଅଁଳିବା ସମୟ। ତେବେ କୁଲେର ଗଛରେ ମଧ୍ୟ ଏବେ ପତ୍ର କଅଁଳିବାର ସମୟ। ବର୍ତ୍ତମାନ ଚୈତ୍ର ମାସ। ଏହି ମାସରେ ଆଦିବାସୀ ପ୍ରବଣ କଳାହାଣ୍ଡି ଜିଲ୍ଲାର କୋକସରା ଅଞ୍ଚଳର ବିଭିନ୍ନ ବଜାରରେ କୁଲେର ଶାଗ ଉପଲବ୍ଧ। ଏହି ସମୟରେ ଏହାର ଯଥେଷ୍ଟ ଚାହିଦା ରହିଥାଏ। ଋତୁ କାଳୀନ ଏହି ଜଙ୍ଗଲ ଜାତ ଦ୍ରବ୍ୟ ଏବେ ଲୋକଙ୍କ ପ୍ରଥମ ପସନ୍ଦ ହୋଇଛି। କୋକସରା ବ୍ଲକ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ମହିଳାମାନେ ଜଙ୍ଗଲରୁ ଏହି ଶାଗ ତୋଳିଥାନ୍ତି। ସେମାନେ ଏହା ନିଜେ ଖାଇବା ସହ ହାଟ ବଜାରରେ ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରୁଛନ୍ତି। ତେବେ କୁଲେର ଶାଗ ସମସ୍ତ ଗ୍ରାମରେ ସହଜରେ ଉପଲବ୍ଧ ହୋଇ ନ ଥାଏ। ଅନ୍ୟପକ୍ଷେ ଏହି ଶାଗ ଯେତିକି ସୁଆଦିଆ ସେତିକି ଔଷଧୀୟ ଗୁଣ ମଧ୍ୟ ଭରି ରହିଛି। ଗ୍ରାମାଞ୍ଚଳର ବଜାରରେ କୁଲେର ଶାଗକୁ ୨୦ ଟଙ୍କା ଭାଗରେ ବିକ୍ରି ହେଉଥିବାବେଳେ ସହରରେ କିନ୍ତୁ କିଲୋ ହିସାବରେ ବିକ୍ରି ଆରମ୍ଭ ହେଲାଣି। ଏପରିକି ହୋଟେଲରେ ଖାଇବା ଥାଳିରେ କୁଲେର ଶାଗ ପରଷା ଯାଉଛି। ତେଣୁ ବଜାରରେ କୁଲେର ଶାଗର ଆଦର ବଢୁଛି। ଏହି ଶାଗ ଯେତେ ଆଣିଲେ ମଧ୍ୟ ଅଳ୍ପ ସମୟରେ ଲୋକେ ଏହାକୁ କିଣି ନେଇଯାଉଛନ୍ତି। ପ୍ରାକୃତିକ ପରିବେଶରେ ବଢୁଥିବାରୁ କୁଲେର ଶାଗ ସ୍ୱାସ୍ଥ୍ୟପକ୍ଷେ ହିତକର। ତେଣୁ ଏହାକୁ ଖାଇବା ପାଇଁ ଲୋକେ ବେଶ୍ ପସନ୍ଦ କରିଥାନ୍ତି। ଋତୁ ଅନୁସାରେ ଗିରିଜନମାନେ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। କୁଲେର ଶାଗ ବନବାସୀଙ୍କୁ ଏହି ଋତୁରେ ଜିବିକା ଦେଇ ଆସୁଛି। ଏବେ ବିଭିନ୍ନ କାରଣରୁ ଜଙ୍ଗଲ କ୍ଷୟ ହେଉଛି। ଏଣୁ ଏହି ଗଛ ସବୁ ନଷ୍ଟ ହୋଇଯାଉଛି। ତେଣୁ ଏହାର ସୁରକ୍ଷା କରିବା ଜରୁରି ବୋଲି ମତପ୍ରକାଶ ପାଇଛି।

## ଶିକ୍ଷା ରଥକୁ ସ୍ୱାଗତ



ବୀରମହାରାଜପୁର, ୪।୪(ସମିସ): ମେଣ୍ଡାମାଳ ଉପ୍ରା ବିଦ୍ୟାଳୟରେ ଶିକ୍ଷା ରଥକୁ ନିଆରା ଢଙ୍ଗରେ ସ୍ୱାଗତ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଫୁଲଜିନିଆ ମାସାତଙ୍କ ସମେତ ଶିକ୍ଷକ ପ୍ରଦୀପ କୁମାର ନାୟକ, ଅମୁଲ୍ୟ କୁମାର ପ୍ରଧାନ, ପ୍ରତିଭା ଭୋଇ, ଶୁଭେନ୍ଦୁ ମେହେର ତଥା ସମସ୍ତ ଛାତ୍ରଛାତ୍ରୀ ସ୍ୱାଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ଧର୍ମୀ ନୃତ୍ୟ ପରିବେଷଣ କରାଯାଇଥିଲା।

## ମେଦିନୀପାଲି ସ୍କୁଲର ବାର୍ଷିକୋତ୍ସବ



ସୋନପୁର, ୪।୪(ସମିସ): ମେଦିନୀପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ସହକାରୀ ଶିକ୍ଷକ ସୁରେନ୍ଦ୍ର ନାଏକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ଡାକ୍ତର ଦାଶ ବାର୍ଷିକ ବିବରଣୀ ପଠନ କରିଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଳାପଥରର ପ୍ରଧାନଶିକ୍ଷକ ବିଶେଶ୍ୱର ଦାଶ ଯୋଗଦେଇ ଦେଶର କଳା ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସିଆରସିସି ରଞ୍ଜନ କୁମାର ବୁଡ଼େକ, ସୂର୍ଯ୍ୟନାରାୟଣ ପାଢ଼ି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନରେଶ ସାହୁ ଯୋଗଦେଇ କୃତୀ ଶିଶୁଙ୍କୁ ପୁରସ୍କୃତ କରିଥିଲେ। ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଚବିଶପ୍ରହର ନାମଯଜ୍ଞ ପାଇଁ କଳସଯାତ୍ରା



**ବିନିକା, ୪।୪(ସମିସ):** ବିନିକା ବ୍ଲକ ସିଂଘିଯୁବା ଗ୍ରାମରେ ୨୪ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବାପାଇଁ ଆଜି ଅପରାହ୍ନ ୫ଟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ମହିଳା ସାମିଲ ହୋଇ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ଘାଟରୁ ପାଣି ସଂଗ୍ରହ କରି ଗ୍ରାମ ପରିକ୍ରମା ପରେ ନାମ ମଣ୍ଡପରେ ପହଞ୍ଚି ରୀତିନୀତି ମତେ ପୂଜାର୍ଚ୍ଚନା କରି କଳସ ସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କର୍ତ୍ତା ଭାବରେ ବିକାଶ ମେସୂଆ ଓ ତାଙ୍କ ଧର୍ମପତ୍ନୀ ସୁନୀତା ମେଶୂଆ ଦାୟିତ୍ୱ ନିର୍ବାହ କରୁଛନ୍ତି।

### ବୌଦ୍ଧ ଜିଲ୍ଲାର ଉନ୍ନୟନ ସମୀକ୍ଷା ବୈଠକ

# 'ପରସ୍ପର ମଧ୍ୟରେ ସମନ୍ୱୟ ରଖି କାମ କର'

**ବୌଦ୍ଧ, ୪।୪(ସମିସ):**



ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ସିଟି ଜିଏସଟି ବିଭାଗର ସମୀକ୍ଷା ବୈଠକ ସହ ଜିଲ୍ଲାର ବିଭିନ୍ନ ବିଭାଗର ଉନ୍ନୟନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ସିଟି ଓ ଜିଏସଟି କମିଶନର ଜାମିନୀ ଷଡ଼ଙ୍ଗୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପରସ୍ପର ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ସେ ଉପସ୍ଥିତ ଅଧିକାରୀଗଣଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ସେତୁବନ୍ଧ ଯୋଜନା, ପଞ୍ଚସଖା ଶିକ୍ଷା ସେତୁ, ସ୍କୁଲର ଖେଳ ପଡ଼ିଆ, ଶ୍ରେଣୀ ଗୃହ, ପିଏମ୍ ଶ୍ରୀ ସ୍କୁଲ ଯୋଜନା, ସେଲ୍‌ଫି ପଏଣ୍ଟ, ଶିଶୁ ବାଟିକା ଯୋଜନା, ଅଙ୍ଗନବାଡି ଶିଶୁଙ୍କ ଆଧାର ସଂଯୋଗୀ କରଣ, ଅଙ୍ଗନବାଡି ପିଲାଙ୍କ ଓଜନ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା କାର୍ଡ ବିତରଣ ପାଇଁ ପ୍ରସ୍ତୁତି, ଅନ୍ତ୍ୟୋଦୟ ଗୃହ ଯୋଜନାର ଅଗ୍ରଗତି ଓ ପାନୀୟ ଜଳ ଯୋଗାଣ, ଖାଉଟିଙ୍କ କେୱାଇସି, ମଧୁବାବୁ ପେନସନ ଯୋଜନା, ପେକ୍ସ ଉନ୍ନତି କରଣ, ଗ୍ରାମ୍ୟ ବିଦ୍ୟୁତିକରଣ, ଗ୍ରାମ୍ୟ ଶିଳ୍ପ ପାର୍କ, ଜନ ଶୁଣାଣୀ ପୋର୍ଟାଲରେ ଆସୁଥିବା ବିଭିନ୍ନ ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ଆଦି ଉପରେ ଶ୍ରୀମତୀ ଷଡ଼ଙ୍ଗୀ ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଆରକ୍ଷୀ ଅଧିକ୍ଷକ ରାହୁଲ୍ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ଅତିରିକ୍ତ ନିର୍ବାହୀ ଅଧିକାରୀ ଚାର୍ଲସ ନାଏକଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସହକାରୀ ଓ ନିର୍ବାହୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ବଉଲସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ମନମୁଣ୍ଡା, ୪।୪(ସମିସ): ବୌଦ୍ଧ ଜିଲ୍ଲା ଦପଲା କ୍ଲଷ୍ଟରର ବଉଲସିଂହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମାଁ ମାହେଶ୍ୱରୀ ବଉଲସିଂହାଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ଅପରାହ୍ନରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଦପଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ରଙ୍ଗାଧର ଝାଙ୍କର ଓ ସମ୍ମାନିତ ଅତିଥି ଭାବେ କୁଳମଣି ଡାଙ୍ଗ, କ୍ଲଷ୍ଟର ସିଆର୍‌ସିସି ଶ୍ରୀମନ୍ତ କହଁର, କୁଶ ପ୍ରଧାନ, ନବୀନ ନାଏକ ଓ ଦୁଃଶାସନ ମହାକୁଡ଼ ମଞ୍ଚାସୀନ ଥିଲେ। ସନ୍ଧ୍ୟା ୬ଘଣ୍ଟା ସମୟରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହୋଇଥିଲା। ପ୍ରଧାନ ଶିକ୍ଷକ ଦିଲୀପ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ମୁଖ୍ୟବକ୍ତା ଭାବେ କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଳି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା, ଭାର୍ଜନ ପ୍ରଧାନ, ସମିତି ସଭ୍ୟା ସସ୍ମିତା ପୁରୋହିତ, ସରପଞ୍ଚ ପ୍ରତିନିଧି ଗୋବିନ୍ଦ ମହାକୁଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ କେଶବ ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ରାଜୀବ ସାହୁ, ଲିଙ୍ଗରାଜ ତାଣ୍ଡିଆ, ଗୀତାଞ୍ଜଳି ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସାମ୍ବାଦିକ ବୈଦ୍ୟନାଥ ହୋତା, ଜୟକୃଷ୍ଣ ଚଉଲିଆ ଏବଂ ଦୀପକ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆଇଏଏସ୍ ଜାମିନୀ ଷଡ଼ଙ୍ଗୀଙ୍କ ବୌଦ୍ଧ ଗସ୍ତ



**ବୌଦ୍ଧ, ୪।୪(ସମିସ):** ବୌଦ୍ଧ ଜିଲ୍ଲା ଗସ୍ତରେ ଥିବା ରାଜ୍ୟ ସିଟି ଓ ଜିଏସଟି କମିଶନର ଜାମିନୀ ଷଡ଼ଙ୍ଗୀ ବୌଦ୍ଧ ଜିଲ୍ଲା ସଂଗ୍ରହାଳୟ ପରିଦର୍ଶନ କରିଛନ୍ତି। ଶ୍ରୀମତୀ ଷଡ଼ଙ୍ଗୀଙ୍କୁ ଜିଲ୍ଲା ସଂସ୍କୃତି ଅଧିକାରୀ ଅକୃର ଜାନୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ ଉପସ୍ଥିତ ଥିଲେ। ସ୍ଥପତି ସୁମନ ଷଡ଼ଙ୍ଗୀ ଏବଂ ଜିଲ୍ଲାପାଳ ଶ୍ରୀ ପଣ୍ଡା ଶ୍ରୀମତୀ ଷଡ଼ଙ୍ଗୀଙ୍କ ନିକଟରେ ଜିଲ୍ଲା ସଂଗ୍ରହାଳୟର ତଥ୍ୟ ଉପସ୍ଥାପନ କରିଥିଲେ। ସେହିଭଳି ଶ୍ରୀମତୀ ଷଡଙ୍ଗୀ ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିସରରେ ଥିବା ବୌଦ୍ଧଗଡ଼ ଏନଏସି ପରିଚାଳିତ ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ଖାଦ୍ୟ ପ୍ରସ୍ତୁତି, ସ୍ୱଚ୍ଛତା, ଖାଦ୍ୟ ବିତରଣ ଓ ଖାଦ୍ୟର ମାନ ସମୀକ୍ଷା କରିଥିଲେ। ଆହାର କେନ୍ଦ୍ର ଚଳାଉଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ।

## କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବୀରମହାରାଜପୁର, ୪।୪(ସମିସ): ଓଡ଼ିଶା ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ପ୍ରବେଶ ଉତ୍ସବ ଅବସରରେ ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା ଯୋଗଦେଇ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କୋଟସମଲାଏ ପଞ୍ଚାୟତ ଅଧିନ ହରିଣାପାଲି ସରକାରୀ ଉପ୍ରା ବିଦ୍ୟାଳୟର ଛାତ୍ର ସୁବ୍ରତ ବାରିକ ଜବାହର ନବୋଦୟ ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ଏବଂ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ର ତ୍ରୟମ୍ବକ ପଧାନଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ୍ୱର ଦାସ, ସିଆରସିସି ଶୁଧାଂଶୁ ଶେଖର ଲୁହା, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଗୋପାଳ ନାଏକ, ୱାର୍ଡ ମେମ୍ବର ଲଳିତା ଜଗତ, ପୂର୍ବତନ ୱାର୍ଡ ସଭ୍ୟ କୃଷ୍ଣଚନ୍ଦ୍ର ପଧାନ, ପ୍ରଧାନଶିକ୍ଷକ ମକୁନ୍ଦ ଧରୁଆ। ମଞ୍ଚ ପରିଚାଳନା କରିଥିଲେ ଜନ୍ମେଜୟ ବିଶି, ଶିକ୍ଷୟିତ୍ରୀ ମାଶ୍ରିତାସୁଧା ପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସତ୍ୟବ୍ରତ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।



## ଡାକ୍ତର ବିଛନ୍ଦ ଚରଣ ପ୍ରଧାନଙ୍କୁ ନାଗରିକ ସମ୍ବର୍ଦ୍ଧନା



ତରଭା, ୪।୪(ସମିସ): ୧୯୯୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ତରଭା ଡାକ୍ତରଖାନାରେ ନିଃସ୍ୱାର୍ଥ ଭାବେ ରୋଗୀଙ୍କ ସେବାକରି ଅଞ୍ଚଳରେ ସୁନାମ ଅର୍ଜନ କରିଥିବା ଡାକ୍ତର ବିଛନ୍ଦ ଚରଣ ପ୍ରଧାନଙ୍କୁ ଶୁକ୍ରବାର ନାଗରିକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୂର୍ବାହ୍ନରେ ଡ.ପ୍ରଧାନ ପତ୍ନୀ ଜ୍ୟୋତ୍ସ୍ନା ପ୍ରଧାନଙ୍କ ସହ ଅନୁଗୁଳରୁ ଆସି ଦୁର୍ଗା ମଣ୍ଡପ ସମ୍ମୁଖରେ ପହଞ୍ଚିବା ପରେ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ସାହୁ, ପୂର୍ବତନ ନଗରପାଳ ବୃକୋଦର ମେହେର, ଶୈଳେନ୍ଦ୍ର କୁମାର ସାହୁ, ବିଶିଷ୍ଟ ଶିଶୁ ସାହିତ୍ୟିକ ଡ଼ ରମେଶ ପତ୍ରୀ, ଜୟପ୍ରକାଶ ନାରାୟଣ ସାହୁ, ପଙ୍କଜ କୁମାର ଅଗ୍ରୱାଲ, ଜୟକିଶୋର ସାହୁ, ଉପେନ୍ଦ୍ର କୁମାର ସାହୁ, ଦଶରଥ ସାହୁ, ବ୍ରଜମୋହନ ଅଗ୍ରୱାଲ, ସୁବାଷ ସେଠୀ, ସତ୍ୟନାରାୟଣ ପୂଜାହାରୀ, ଅର୍ଜୁନ ମହାପାତ୍ର, ଅଶୋକ କୁମାର ସାହୁ, କ୍ଷେତ୍ରବାସୀ ସାହୁ, ମୁରଲୀଧର ସା, ପ୍ରଶାନ୍ତ କୁମାର ସାହୁ, ନରେଶ କୁମାର ମେହେର ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ଡାକ୍ତର ପ୍ରଧାନ ଗୁଡ଼ୱିଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ।

## ଓଡ଼ିଆ ନାମଫଳକ ପାଇଁ ପଦଯାତ୍ରା



ବିନିକା, ୪।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଅନୁକୂଲ୍ୟରେ ବିନିକା ଠାରେ ଓଡ଼ିଶା ପକ୍ଷ ପାଳନ ହୋଇଯାଇଛି। ଏହି ଅବସରରେ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କରେ ଓଡ଼ିଆ ଭାଷାରେ ନାମ ଫଳକ ପ୍ରଦର୍ଶନ ସୁନିଶ୍ଚିତ କରିବା ନିମନ୍ତେ ସଚେତନତା ପଦଯାତ୍ରା କରାଯାଇଥିଲା। ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ଭୁଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ହଲାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ବିଡିଓ ମଣ୍ଟୁ ଖମାରି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟର କର୍ମଚାରୀ ବାଙ୍କା ବିହାରୀ ମହଲା, ବଲ୍ଲଭ ନାଗଙ୍କ ସହିତ ବିଭିନ୍ନ ଟ୍ରେଡ଼ ୟୁନିଅନର କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ରାଉଳ, ମୁରଲୀଧର ସାହୁ, ରମେଶ ନନ୍ଦ, ଦେବରାଜ ବେହେରା, ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର କର୍ମଚାରୀ ମଧ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।



**ତରଭା, ୪।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ତରଭା ବିଜ୍ଞାପିତ ଅଞ୍ଚଳରେ ଶୁକ୍ରବାର ଶ୍ରମ ବିଭାଗ ସୁବର୍ଣ୍ଣପୁର ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଓଡ଼ିଶା ପକ୍ଷ ପାଳନ ହୋଇଯାଇଛି। ଏହି ଅବସରରେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କରେ ଓଡ଼ିଆ ଭାଷାରେ ନାମ ଫଳକ ପ୍ରଦର୍ଶନ କରିବା ନିମନ୍ତେ ସଚେତନତା ପଦଯାତ୍ରା କରାଯାଇଥିଲା। ସ୍ମିନିତା କୁମାରୀ ଦେବୀ ପଦଯାତ୍ରାର ଅଧ୍ୟକ୍ଷତା କରିଥିବା ବେଳେ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଶ୍ରମ କାର୍ଯ୍ୟାଳୟର ମଙ୍ଗଳ ଅଧିକାରୀ ଅନିତା ନାଗ, ନାରାୟଣ ବିଶିଙ୍କ ସହିତ ଅନ୍ୟାନ୍ୟ ଟ୍ରେଡ଼ ୟୁନିଅନର କର୍ମକର୍ତ୍ତା ଯଥା କୁଶଳେଶ୍ୱର ସୁନା, ତ୍ରିନାଥ ସୁନା, ରଶ୍ମିତା ପଧାନ, ଅରୁଣ ବାଦି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଶେଷ ସହଯୋଗ କରିଥିଲେ।

### ମହାନଦୀରେ ଅସାଧୁ ଉପାୟରେ ମାଛ ମରା

# ଶୁଖା ଚୁନାମାଛ ପାଲଟିବ ସ୍ୱପ୍ନ



**ସୋନପୁର, ୪।୪(ସମିସ):**

ଖରାଦିନେ ସୋନପୁରିଆ ମହାନଦୀର ଶୁଖା ଚୁନାମାଛ ଟିକେ ଖୋଜିଥାନ୍ତି। ପଖାଳ ସହ ଶୁଖା ଚୁନାମାଛ ଖୁବ୍ ସୁଆଦିଆ ହୋଇଥିବାରୁ ବଜାରରେ ଏହାର ଚାହିଦା ବହୁତ୍। ସ୍ଥାନୀୟ ଧୀବର ସମ୍ପ୍ରଦାୟ ଶୁଖା ଚୁନାମାଛ ବିକି ପରିବାର ପ୍ରତିପୋଷଣ କରିଥାନ୍ତି। କାଳକ୍ରମେ ମହାନଦୀରେ ଏହାର ଅଭାବ ହେବାରୁ ସେମାନେ ବିଭିନ୍ନ ଅଞ୍ଚଳ ବୁଲି ମାଛ ସଂଗ୍ରହ କରି ସୋନପୁରରେ ବିକ୍ରି କରୁଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାରେ ଶତାଧିକ କିଲୋମିଟର ବ୍ୟାପୀ ରହିଛି ମହାନଦୀ।ଉଲୁଣ୍ଡା ବ୍ଲକ କେଉଟିପାଲିଠାରେ ସୋନପୁର ଜିଲ୍ଲାକୁ ମହାନଦୀ ପ୍ରବେଶ କରି ବୀରମହାରାଜପୁର ବ୍ଲକ ସୁବଳୟା ଯାଏଁ ପ୍ରବାହିତ ହେଉଛି। କେଉଁଠି ନୀଳ ଜଳରାଶିରେ ହ୍ରଦର ଭ୍ରମ ସୃଷ୍ଟି ହୁଏ ତ କେଉଁଠି ଏକର ଏକର ଜାଗାରେ ପାଣି ଜମି ପୋଖରୀ ଭଳି ହୋଇଥାଏ। ପୂର୍ବରୁ ସୋନପୁରର ମତ୍ସ୍ୟଜୀବୀ ସ୍ଥାନୀୟ ଚାହିଦା ମୁତାବକ ମାଛ ବିକ୍ରି କରିବା ପରେ ଅନ୍ୟ ଅଞ୍ଚଳକୁ ମାଛ ପଠାଇ ଭଲ ରୋଜଗାର କରୁଥିଲେ। ଏବେ କିନ୍ତୁ ସୋନପୁରବାସୀଙ୍କ ଚାହିଦା ଅନୁସାରେ ମଧ ମହାନଦୀରୁ ମାଛ ମିଳୁନାହିଁ। ସୋନପୁର ଧୀବରପଡ଼ାର କିଛି ମହିଳା ବଡ଼ କଷ୍ଟରେ ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି।ମହାନଦୀର ଉପରମୁଣ୍ଡ ଝାରସୁଗୁଡ଼ା ଲଖନପୁର ଅଞ୍ଚଳରୁ ଶୁଖାମାଛ କିଣି ଆଣି ସୋନପୁର ତଥା ଆଖପାଖ ଅଞ୍ଚଳରେ ବିକ୍ରି କରୁଛନ୍ତି। ମହାନଦୀରେ ମାଛର ଅଭାବରୁ ଲୋକଙ୍କୁ ଶୁଖିଲା ମାଛ ଯୋଗାଇ ହେଉନଥିବା ବେଳେ ଏତେ ଦୂରରୁ ମାଛ ଆଣି ବିକ୍ରି କରିବାରେ ଭଲ ଲାଭ ମିଳୁନଥିବା ସେମାନେ କହିଛନ୍ତି। ମହାନଦୀରେ ଜଳ ହ୍ରାସ ଏବଂ ଅସାଧୁ ଉପାୟରେ ମାଛ ମାରିବା ହିଁ ମହାନଦୀରେ ମାଛ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ସାଜିଛି। ମହାନଦୀରେ ଅସାଧୁ ଲୋକେ ବ୍ଲାଷ୍ଟିଂ ଏବଂ ରାସାୟନିକ ଦ୍ରବ୍ୟ ପକାଇ ମାଛ ମାରିବା ଦ୍ୱାରା ଅଯଥାରେ ଅସଂଖ୍ୟ ମାଛ ମରୁଛନ୍ତି। ଆଜି ଯାଏଁ ବ୍ଲାଷ୍ଟିଂ କରି ମାଛ ମାରିବା ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇ ପାରିନି। ଏଭଳି ହେଲେ ଭବିଷ୍ୟତରେ ସୋନପୁରର ସେହି ପାରମ୍ପରିକ ସୁଆଦିଆ ମାଛ ସବୁ ସ୍ୱପ୍ନ ହୋଇଯିବ।

## ଦୁର୍ବୃତ୍ତ ଜାଳିଦେଲେ ଆମ୍ର ବଗିଚା



**ସିନାପାଲି, ୪।୪(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନୀଳଜି ପଞ୍ଚାୟତର ଗଡ଼୍ରାମାଳ ଗ୍ରାମର ଗଜମନ ନିଆଲଙ୍କ ଆମ୍ର ବଗିଚାରେ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଗଜମନ ନିଆଲ ଗତ ୫ ବର୍ଷ ତଳେ ଉଦ୍ୟାନ ବିଭାଗ ସହାୟତାରେ ଆମ୍ବ ଚାରା ଆଣି ରୋପଣ କରିଥିଲେ। ବହୁ ପରିଶ୍ରମ ଓ ଯତ୍ନ ପରେ ଗତ ବର୍ଷ ଠାରୁ ଆମ୍ବ ଫଳିବା ଆରମ୍ଭ ହୋଇଥିଲା। ଗତ ବର୍ଷ ବଗିଚାରୁ ଆମ୍ବ ବିକ୍ରୀ କରି ୪୦ ହଜାର ଟଙ୍କା ରୋଜଗାର କରିଥିଲେ। ଚଳିତ ବର୍ଷ ଗଛ ଗୁଡିକରେ ଆମ୍ବ ବଉଳ ଆସି ଭଲ ଫଳ ଧରିଥିଲା। ଆଶା ଥିଲା ଦୁଇ ପଇସା ଭଲ ରୋଜଗାର ହେବ ହେଲେ ସବୁ ଆଶା ମଉଳି ଗଲା ବୋଲି ପ୍ରକାଶ କରିଛନ୍ତି। ଗଜମନ ୪୦ ଡିସିମିଲ ଜାଗାରେ ଆମ୍ବ ବଗିଚା କରିଥିଲେ। ପରିଶ୍ରମର ଫଳ ମିଠା ସଦୃଶ୍ୟ ଦୀର୍ଘ ବର୍ଷ ପରିଶ୍ରମ କରିବା ପରେ ସ୍ୱାଦିଷ୍ଟ କଲମୀ ଆମ୍ବ ଫଳୁଥିବା ପ୍ରକାଶ କରିଛନ୍ତି। କିଛି ଦୁର୍ବୃତ୍ତ ଅସହିଷ୍ଣୁ ହୋଇ ଜାଳି ଦେଇଥିବା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଗଛ ସହିତ ଫଳ ପୋଡ଼ି ଯାଇଥିବା ବେଳେ ଉଦ୍ୟାନ ବିଭାଗ ସହାୟତା କଲେ ପୁଣିଥରେ ଆମ୍ବ ଗଛ ଲଗାଇବା ପାଇଁ ପ୍ରକାଶ କରିଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ସହଯୋଗର ହାତ ବଢ଼ାଇବାକୁ ଦାବି କରିଛନ୍ତି।

### ଥୁଆମୂଳ ରାମପୁରରେ ବିଧାୟକଙ୍କ ସମୀକ୍ଷା ବୈଠକ

## ସ୍ୱାସ୍ଥ୍ୟ ସମସ୍ୟା ଉପରେ ଜୋରଦାର ଆଲୋଚନା

**ଥୁଆମୂଳ ରାମପୁର, ୪।୪(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସଭାଗୃହରେ ଲାଞ୍ଜିଗଡ଼ ବିଧାୟକଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ବୈଠକରେ ମୁଖ୍ୟତଃ ଥୁଆମୂଳ ରାମପୁର ଡାକ୍ତରଖାନାର ଡାକ୍ତର ସମସ୍ୟା ନେଇ ଜୋରଦାର ଆଲୋଚନା ହୋଇଛି।

ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଆୟୋଜିତ ଏହି ବୈଠକରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ଯୋଗ ଦେଇ ସମସ୍ତ ବିଭାଗର ସମୀକ୍ଷା କରିଥିଲେ। ପାନୀୟଜଳ, ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର, ଶବ ବାହକ ଗାଡି, ପ୍ରାଥମିକ ବିଦ୍ୟାଳୟର କୋଠା ଓ ପାଣି ସମସ୍ୟା, ରାସ୍ତାର ସଂଯୋଗୀକରଣ, ମେଗା ପ୍ରକଳ୍ପ, ଶିଶୁ ବିକାଶ ଯୋଜନାର ଅପପୃଷ୍ଟି ଉପରେ ଆଲୋଚନା ହୋଇଥିଲା। ବ୍ଲକରେ ଆଜି ବି ଅନେକ ଶିଶୁ ଅପପୁଷ୍ଟିର ଶିକାର ଥିବା ସିଡିପିଓ ସୂଚନା ଦେଇଥିଲେ। ଏହା ଅଞ୍ଚଳ ପାଇଁ ଏକ ଉଦ୍‌ବେଗଜନକ ବିଷୟ। ଏହି ବ୍ଲକରେ ଏବେ ବି ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଅପହଞ୍ଚ ହୋଇ ପଡ଼ିଛି। ଏହି ବ୍ଲକରେ ୨୪ଟି ପଞ୍ଚାୟତ ଥିବା ବେଳେ ଗମନାଗମନ ପାଇଁ ଏବେ ମଧ୍ୟ ରାସ୍ତା ନାହିଁ କି ଯୋଗାଯୋଗ ପାଇଁ ନେଟୱାର୍କ

**ଯଥା ଶୀଘ୍ର ଶବ ବାହକ ଗାଡି ଯୋଗାଇଦେବାକୁ ବିଧାୟକଙ୍କ ପ୍ରତିଶ୍ରୁତି**

**ପାନୀୟ ଜଳ ସମସ୍ୟା ନେଇ ସରପଞ୍ଚ, ସମିତିସଭ୍ୟଙ୍କ ଉଦ୍‌ବେଗ ପ୍ରକାଶ**

ମଧ୍ୟ ନାହିଁ। ଲୋକେ ସବୁବେଳେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଦୁର୍ଗମ ଅଞ୍ଚଳବାସୀଙ୍କ ପାଇଁ ଥୁଆମୂଳ ରାମପୁରଠାରେ ୧୬ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଅଛି। ପ୍ରତିଦିନ ଶତାଧିକ ରୋଗୀ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି; ହେଲେ ସବୁବେଳେ ରେଫର ହିଁ ଏକମାତ୍ର ବିକଳ୍ପ ହୋଇପଡ଼ିଛି। ଏହାଦ୍ୱାରା ରୋଗୀ ଖର୍ଚ୍ଚାନ୍ତରେ ପଡ଼ିଥାନ୍ତି। ୫୦ରୁ ୬୦ କିଲୋମିଟର ଦୂରରୁ ଆସି ଡାକ୍ତରଖାନାରେ ପହଞ୍ଚନ୍ତି; ହେଲେ ଏଠାରୁ ପୁଣି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ରେଫର କରିଦିଆଯାଏ।



ଏହି ଡାକ୍ତରଖାନାରେ ଆଗରୁ ମେଡ଼ିକାଲ ଅଫିସରଙ୍କ ସହିତ ମିଶି ୪ ଜଣ ଡାକ୍ତର ଅଛନ୍ତି। ମେଡିକାଲ ଅଫିସର ଅଫିସ କାମ ବୁଝୁଥିବା ବେଳେ ଆଉ ଜଣେ ଡାକ୍ତର ଅନେକ ଦିନ ଧରି ଛୁଟିରେ ଅଛନ୍ତି। ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ସପ୍ତାହକୁ ଥରେ ଆସିଥାନ୍ତି। ଏଠାରେ କୌଣସି ସ୍ଥାୟୀ ବିଶେଷଜ୍ଞ ଡାକ୍ତର ନ ଥିବା ବେଳେ ବର୍ତ୍ତମାନ ୨ ଜଣ ଡାକ୍ତରଙ୍କ ଦ୍ୱାରା ରୋଗୀ ସେବା ଚାଲିଛି। ତେଣୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନିତିଶ ଝା ଆଉ ୨ଟି ପିଏଚସି ନିର୍ମାଣ ଓ ଅଧିକରୁ ଅଧିକ ଡାକ୍ତର ଯୋଗାଇ ଦେବାକୁ ବିଧାୟକଙ୍କୁ ନିବେଦନ କରିଥିଲେ। ସବୁଠାରୁ ପରିତାପର ବିଷୟ ଯେ, ଦାନ ମାଝୀ ଘଟଣା ପରେ ମଧ୍ୟ ସ୍ୱାସ୍ଥ୍ୟସେବା ସୁଧୁରି ପାରିଲାନି। ଥୁଆମୂଳ ରାମପୁରରେ ଶବ ବାହକ ଗାଡି ନ ଥିବା ଯୋଗୁଁ ଆଜି ବି ଲୋକେ ଶବ ନେବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୧୬ ମସିହା ଅଗଷ୍ଟ ୨୪ ତାରିଖରେ ଦାନ ମାଝି ନିଜ ସ୍ତ୍ରୀର ଶବ ବୋହି ୧୨ କିଲୋମିଟର ଚାଲି ଚାଲି ଆସିଥିଲେ। ଏହି ଘଟଣା କଳାହାଣ୍ଡି କଳଙ୍କିତ ହେବା ସହ ରାଜ୍ୟ ତଥା ଦେଶରେ ସ୍ୱାସ୍ଥ୍ୟ ବିଭାଗ ଅନେକ ସରବ୍ୟର ଶିକାର ହୋଇଥିଲା। ସେ ଘଟଣାକୁ ୮ ବର୍ଷ ବିତି ଯାଇଛି ଏବଂ ଏହା ଅତୀତ ହୋଇଛି। ଏତେ ବଦନାମ ପରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଚୁପ୍ ରହିଛି। ଶବ ବାହକ ଗାଡିକୁ ଅପେକ୍ଷା କରି କରି ଘଣ୍ଟା ଘଣ୍ଟା ଆଉ ଦିନ ଦିନ ଶବ ପଡ଼ିରହିଥାଏ; ଯାହା ମାନବିକତା ପ୍ରତି କଠୋର ଆଘାତ ଲାଗିଥାଏ। ଏ ସମ୍ବନ୍ଧରେ ସ୍ଥାନୀୟ ସମ୍ବାଦିକମାନେ ଦାବି କରିବା ପରେ ଯଥା ଶୀଘ୍ର ଶବ ବାହକ ଗାଡି ଯୋଗାଇ ଦିଆଯିବ ବୋଲି ବିଧାୟକ କହିଥିଲେ। ସେହିଭଳି ପାନୀୟ ଜଳର ସମସ୍ୟା ନେଇ ସରପଞ୍ଚ ଏବଂ ସମିତି ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ବୈଠକରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ବିଶ୍ୱରଞ୍ଜନ କରକରା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଶାଲଖୋ ହେମ୍ବ୍ରମ, ଜିଲ୍ଲାପରିଷଦ ସଦସ୍ୟା ଟୁନି ଖୋସଲା, ସମସ୍ତ ସରପଞ୍ଚ, ସମିତିସଭ୍ୟ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଓଡ଼ିଆ ପକ୍ଷର ଚତୁର୍ଥ ଦିବସ

## ଜିଲ୍ଲା ଓ ବ୍ଲକସ୍ତରୀୟ ସଚେତନତା ପଦଯାତ୍ରା

**ବଲାଙ୍ଗିର, ୪।୪(ସମିସ):** ଓଡ଼ିଆ ଆମ ଭାଷା, ଆମ ରାଜ୍ୟ ଭାଷା ଭିତ୍ତିକ ରାଜ୍ୟ, ଓଡ଼ିଆ ଭାଷାକୁ ନେଇ ସଚେତନତା ଅଭାବ ଓ ନିଜ ଭାଷା ପ୍ରତି ଆଗ୍ରହ ନ ଥିବାରୁ ଆଜି ବି ଅଧିକାଂଶ ଦୋକାନ ବଜାରରେ ଲାଗିଥିବା ନାମ ଫଳକରେ ଓଡ଼ିଆ ଭାଷାର ବ୍ୟବହାର ହେଉନାହିଁ। ତେବେ ଆମ ଭାଷାର ମର୍ଯ୍ୟାଦା ଓ ସମ୍ମାନ ବୃଦ୍ଧି ପାଇଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ-୨୦୨୫ର ଚତୁର୍ଥ ଦିବସରେ ଓଡ଼ିଆରେ ନାମ ଫଳକ ଅଭିଯାନ ଆୟୋଜିତ ହୋଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା ପଦଯାତ୍ରା ହୋଇଥିଲା। ଜିଲ୍ଲା ସଦର ମହାକୁମାସ୍ଥିତ ଡିଭିଜିଓନାଲ ଶ୍ରମ ଆୟୁକ୍ତଙ୍କ ଅଫିସରୁ ଭାଗୀରଥି ଛକ, ପିପି ଏକାଡେମୀ ଛକ, ବିକ୍ରମ ଛକ, ପାଟଣା ଛକ, କଚେରି ଛକ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ମହିଳା ମହାବିଦ୍ୟାଳୟରୁ ଡିଭିଜିଓନାଲ ଶ୍ରମ ଆୟୁକ୍ତଙ୍କ ଅଫିସ ଯାଏଁ ଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

## ଓଡ଼ିଆରେ ନାମ ଫଳକ ଲେଖିବାକୁ ଆହ୍ୱାନ



**ବୌଦ୍ଧ, ୪।୪(ସମିସ):** ଓଡିଆ ପକ୍ଷ ପାଳନ ଅବସରରେ ବୌଦ୍ଧ ସହରସ୍ଥିତ ରାମେଶ୍ୱର ମନ୍ଦିରଠାରୁ ଓଡିଆରେ ନାମ ଫଳକ ଅଭିଯାନ ସଚେତନତା ପଦଯାତ୍ରାର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳ ସୁବ୍ରତ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପତାକା ଦେଖାଇ ସଚେତନତା ରଥ ଏବଂ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଦୋକାନ ବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡିଆରେ ନାମ ଫଳକ ଲେଖିବା ପାଇଁ ସହର ପରିକ୍ରମା ପୂର୍ବକ ସଚେତନତା ସୃଷ୍ଟି କରାଯାଇଥିଲା। ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ କନ୍ୟାକୁମାରୀ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଜିଲ୍ଲା ସଂସ୍କୃତି ଅଧିକାରୀ ଭଗବାନ ଯାନୀ ଏଥିରେ ସଂଯୋଜନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ ବାଣ୍ଡୁଆ, ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାଖୁଡ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ସତ୍ୟନାରାୟଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ମାଲବାହୀ ଟ୍ରେନ୍

**କେସିଙ୍ଗା, ୪।୪(ସମିସ):** ସମ୍ବଲପୁର ଡିଭିଜନ ଅଧୀନ କାଣ୍ଡେଲ ରୋଡ଼ ରେଳ ଷ୍ଟେସନ ନିକଟସ୍ଥ ରେଳ ବ୍ରିଜ ନିକଟରେ ଏକ ଟ୍ରେନ୍ ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ପଟାସ ସାର ବୋଝେଇ ଏହି ମାଲବାହୀ ଟ୍ରେନ୍‌ଟି ଶୁକ୍ରବାର ଭୋର ୪ଟାରେ ବିଶାଖାପାଟଣାରୁ ଟିଟିଲାଗଡ଼ ଅଭିମୁଖେ ଯାଉଥିଲା। ତେବେ ୫ନମ୍ବର ବଗିର ଅଲଗା ହୋଇଯାଇ ପ୍ରାୟ ୧୫୦ଫୁଟ ଦୂରରେ ରହି ଯାଇଥିଲା। ଲୋକୋ ପାଇଲଟ ଶବ୍ଦ ଶୁଣି କାଣ୍ଡେଲ ରୋଡ଼ ଷ୍ଟେସନ ମାଷ୍ଟରଙ୍କୁ ଖବର ଦେଇଥିଲେ। ଷ୍ଟେସନ ମାଷ୍ଟର ଟିଟିଲାଗଡ଼ ହେଡ୍ ଅଫିସକୁ ଏ ନେଇ ସୂଚନା ଦେଇଥିଲେ। ସକାଳ ୮ ଟାରେ ଟିଟଲାଗଡ଼ରୁ ବୈଷୟିକ ଦଳ ଆସି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିଥିଲେ। ଲୋକୋ ପାଇଲଟ ଓ ବୈଷୟିକ ଦଳ ପରୀକ୍ଷା ନିରୀକ୍ଷା କଲାପରେ ୪ ଘଣ୍ଟା ବିଳମ୍ବରେ ଟିଟିଲାଗଡ଼ ଅଭିମୁଖେ ଟ୍ରେନ୍ ବାହାରିଥିଲା।

## ବୋଲେରୋରୁ ୪ କୁଇଣ୍ଟାଲ ମହୁଲ ଫୁଲ ଜବତ

**ଶଗଡ଼ା, ୪।୪(ସମିସ):** ବୌଦ୍ଧ ଅବକାରୀ ମୋବାଇଲ ଟିମ୍ ୪ କୁଇଣ୍ଟାଲ ମହୁଲ ଫୁଲ ସହ ଏକ ବୋଲେରୋ ଜବତ କରିଛି। ଏହି ଘଟଣାରେ ୨ ଜଣ ମାଫିଆ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଉଁଶୁଣି ଥାନା ଶିଆଳିମୁଣ୍ଡା ଗ୍ରାମର ରାଜେଶ ବେହେରା (୨୧) ଓ ମନମୁଣ୍ଡା ଥାନା ଖଜୁରରୁଜ ଗ୍ରାମର ସଞ୍ଜୟ କର୍ଣ୍ଣ (୪୫)। ଘଣ୍ଟାପଡ଼ା ଥାନା ଖୁଣ୍ଟିଗୋରା ରାସ୍ତା ନିକଟରେ ଏକ ବୋଲେରୋରେ ମହୁଲ ଫୁଲ ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ୍ ଚଢ଼ଉ କରିଥିଲା।



## ଗିରାସିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୌଦ୍ଧ, ୪।୪(ସମିସ):** ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଗିରାଶିଙ୍ଗା ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶୀଲ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଅଧିକାରୀ କମଳାକାନ୍ତ ଦଳବେହେରା, ମୁଖ୍ୟବକ୍ତା ଭାବେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରବୀର ଦାସ, ସମ୍ମାନିତ ଅତିଥି ଭାବେ ସିଆରସିସି ସରୋଜ ଝାଙ୍କର, ପରିଚାଳନା କମିଟିର ସଭାପତି ଗୋକୁଳ ବାଘ, ସଭ୍ୟ ସୂର୍ଯ୍ୟମଣି ପଟ୍ଟନାୟକ ଯୋଗ ଦେଇଥିଲେ। ଶିକ୍ଷକ ମୋହନ କରଡ଼ିଆ ସ୍ୱାଗତ ଭାଷଣ ଦେଇଥିଲେ। ବେଳେ ଶିକ୍ଷକ ସୁଶାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରଞ୍ଜିତ ପ୍ରଧାନ, ତେଜଶ୍ୱର ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଅଷ୍ଟଶମ୍ଭୁ ମହାମିଳନ ଅବସରରେ ଶୋଭାଯାତ୍ରା



**ବୌଦ୍ଧ, ୪।୪(ସମିସ):** ବୌଦ୍ଧ ସହର ମାଳିସାହିସ୍ଥିତ ଶ୍ରୀ ରାମନାଥ ମନ୍ଦିର ନିକଟରେ ଅଷ୍ଟ ଶମ୍ଭୁ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟ ଶମ୍ଭୁ ମହାମିଳନ ପରିଚାଳନା କମିଟି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମର୍ଜାକୁଦର ଶ୍ରୀ ଗୁପ୍ତେଶ୍ୱର, ସିଦ୍ଧପୁରର ଶ୍ରୀ ସିଦ୍ଧେଶ୍ୱର, ପଲାସ ଗ୍ରାମର ଶ୍ରୀ ଧବଳେଶ୍ୱର, ସରସରା ଗୋଦରାବେଣୀର ଶ୍ରୀ ଗୁପ୍ତେଶ୍ୱର, ଗମ୍ଭାରୀପଦରର ଶ୍ରୀ କପିଳେଶ୍ୱର, ବୀରରାମଚନ୍ଦ୍ରପୁରର ଶ୍ରୀ ସୁବର୍ଣ୍ଣେଶ୍ୱର ଓ ବୌଦ୍ଧର ଶ୍ରୀ ବଟୁକ ଭୈରବଙ୍କ ଦଣ୍ଡ ଯାତ୍ରା ଦଳର ମହା ମିଳନ ହୋଇଛି। ସମସ୍ତ ଦଳର ବନ୍ଦାଣ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହେବା ପରେ ମିଳିତ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ।

## ୪୦କେଜି ଗଞ୍ଜେଇ ଜବତ

**ଶଗଡ଼ା, ୪।୪(ସମିସ):** ମନମୁଣ୍ଡା ପୁଲିସ୍ ଦେଉଳି ରାସ୍ତା ନିକଟରୁ ଏକ ଗାଡିରୁ ୪୦କେଜି ଗଞ୍ଜେଇ ଜବତ କରିଛି। ପାଟ୍ରୋଲିଂ କରୁଥିବା ସମୟରେ ପୁଲିସ କାରକୁ ତଲାସି କରି ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ଜଣେ ମାଫିଆକୁ ପୁଲିସ ଗିରଫ କରିଛି। ଏ ସମ୍ପର୍କରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ଆଇଆଇସି ଅଞ୍ଜଳି ବିଶ୍ୱାଳ ଏହି ସୂଚନା ଦେଇଛନ୍ତି।

## ଶିକ୍ଷାବିତ୍ ସୁରେନ୍ଦ୍ର ଶବରଙ୍କ ପରଲୋକ

**କଲମପୁର, ୪।୪(ସମିସ):** କଲମପୁର ବ୍ଲକ ହାରାମାଲ ବ୍ରାହ୍ମଣପଡ଼ାର ସୁରେନ୍ଦ୍ର ଶବରଙ୍କ ପରଲୋକ ହୋଇ ଯାଇଛି। ସେ ତାଙ୍କ ଜୀବନ କାଳ ମଧ୍ୟରେ ସହସ୍ରାଧିକ ଛାତ୍ରଛାତ୍ରୀଙ୍କୁ ନିଶୁଳ୍କ ଭାବେ ଟ୍ୟୁସନ କରି ନିଜର ପରିଚୟ ସୃଷ୍ଟି କରିଥିଲେ। ଶ୍ରୀ ଶବରଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଆତ୍ମୀୟ ସ୍ୱଜନଙ୍କ ସହ ଶତାଧିକ ଶିଷ୍ୟ ତାଙ୍କ ମର ଶରୀରକୁ ଗାଁ ଶ୍ମଶାନକୁ ଅନ୍ତିମ ସଂସ୍କାର କରିଥିଲେ।

## 'ପ୍ରାଥମିକ ଶିକ୍ଷା ହିଁ ଜୀବନର ଚାବିକାଠି

**ମନମୁଣ୍ଡା, ୪।୪(ସମିସ):** ପ୍ରାଥମିକ ଶିକ୍ଷା ଜୀବନର ଚାବିକାଠି। ପ୍ରାଥମିକ ଶିକ୍ଷା ହିଁ ବ୍ୟକ୍ତିତ୍ୱକୁ ଗଢି ତୋଳିଥାଏ। ଖଟଖଟିଆ ସରକାରୀ ଉପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଏହି ମତ ପ୍ରକାଶ ପାଇଛି। ଏହି ବିଦ୍ୟାଳୟରେ ଦୀର୍ଘ ୮ ବର୍ଷ ପାଠ ପଢ଼ିଥିବା ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ଶେଷରେ ବିଦାୟ ନେଇଛନ୍ତି। ଏହି ଅବସରରେ ଶିକ୍ଷକ ରଞ୍ଜୁ ଅମାତଙ୍କ ଆବାହକତ୍ୱରେ ଆୟୋଜିତ ବିଦାୟ କାଳୀନ ଉତ୍ସବରେ ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶତପଥୀ ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ତଥା ରାଉରକେଲା ଷ୍ଟିଲପ୍ଲାଣ୍ଟର ଡେପୁଟି ମ୍ୟାନେଜର ପୀତବାସ ପ୍ରଧାନ, ନାଟ୍ୟକର ହରିହର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସମୀର ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୁରେନ୍ଦ୍ର କମ୍ପ, ସ୍ନେହାପ୍ରଭା ମହାପାତ୍ର, ବନିତା ମେହେର, ଦୀପ୍ତମୟୀ ବୈଠାରୁ, ଶୈଳେନ୍ଦ୍ର ବସ୍ତିଆ ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷା ସଚେତନତା ରଥକୁ ସ୍ୱାଗତ

**ମନମୁଣ୍ଡା, ୪।୪(ସମିସ):** ବୌଦ୍ଧ ବ୍ଲକ ଦହ୍ୟା ପିଏମ୍ ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷା ସଚେତନତା ରଥର ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା, ବାଉଁଶୁଣୀ ସିଏଚସି ଆୟୁଷ ଡାକ୍ତର ମାନବ ଦାସ, ଡାକ୍ତର ପ୍ରାଚୀ ଗୁପ୍ତା, ବ୍ଳକ ସମିତି ସଭ୍ୟ ଦଳଗଞ୍ଜନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

## ବେଦାନ୍ତ ହସ୍ପିଟାଲରେ ସ୍ୱାସ୍ଥ୍ୟ ଶିବିର

**ଲାଞ୍ଜିଗଡ଼, ୪।୪(ସମିସ):** ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡ଼ ସିଏସଆର ବିଭାଗ ପକ୍ଷରୁ ବେଦାନ୍ତ ହସ୍ପିଟାଲ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବେଦାନ୍ତ ସିଏସଆର ବିଭାଗ ମୁଖ୍ୟ ଶିଶିର ତରଫଦାର ଯୋଗ ଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ସିଏସଆର ବିଭାଗର ଅଭିନବ ପ୍ରତାପ, ବର୍ଷିରାଣୀ ପାଟଗିରି, ବେଦାନ୍ତ ଲିମିଟେଡ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବେଦାନ୍ତ ହସ୍ପିଟାଲର ଡା. ପ୍ରଶାନ୍ତ ପରମାଣିକ, ହସ୍ପିଟାଲର ସହ ପରିଚାଳକ ଅଶୋକ ଖୋରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଭେଷଜ ବିଶେଷଜ୍ଞ ଡା. ବୁଦ୍ଧଦେବ ଗମାଙ୍ଗ, ମହିଳା ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ଭବାନୀ ଶଙ୍କର ମହାନ୍ତି, ଶିଶୁ ରୋଗ ବିଶେଷଜ୍ଞ ଡା. ବିକାଶ ରଞ୍ଜନ ପ୍ରହରାଜ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଚନ୍ଦ୍ରଶେଖର ପାଣିଗ୍ରାହୀ, ଦନ୍ତରୋଗ ବିଶେଷଜ୍ଞ ଡା. ପୂଜା ନାୟକ, ଡା. ଶ୍ରେୟାଶୀ ନନ୍ଦୀ, ଫିଜିଓଥେରାପିଷ୍ଟ ଡା. ସଞ୍ଜୟ କୁମାର, ଚକ୍ଷୁରୋଗ ବିଭାଗର ତାରିଣୀସେନ ବିଶ୍ୱାଳ ପ୍ରମୁଖ ରୋଗୀଙ୍କ ଚିକିତ୍ସା କରିଥିଲେ।




## 'ଆମ ପୋଷାକ ଆମ ପରିଚୟ' ଦିବସ

**ବଲାଙ୍ଗିର, ୪।୪(ସମିସ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶ କ୍ରମେ ରାଜ୍ୟରେ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି। ବଲାଙ୍ଗିର ଜିଲ୍ଲାରେ ଗୁରୁବାର 'ଆମ ପୋଷକ ଆମ ପରିଚୟ' ଦିବସ ପାଳନ ଅବସରରେ ପାରମ୍ପରିକ ବସ୍ତ୍ରର ଖୁବ୍ ଚାହିଦା ରହିଥିଲା। ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ, କର୍ମଚାରୀଙ୍କ ସହ ଜନସାଧାରଣ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାର, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ।

### ମାରାଗୁଡା ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

## ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯିବ: ମୁଖ୍ୟମନ୍ତ୍ରୀ





**ନୂଆପଡ଼ା, ୪।୪(ସମିସ)**

ମାରାଗୁଡା ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ା ଜିଲ୍ଲା ଗସ୍ତରେ ଆସି ଶୁକ୍ରବାର ଦିନ ମାରାଗୁଡା ଲୋକ ମହୋତ୍ସବରେ ଯୋଗଦେଇଥିଲେ। ଏହିଅବସରରେ ଜିଲ୍ଲାବାସୀଙ୍କୁ ମାରାଗୁଡା ଲୋକ ମହୋତ୍ସବର ଶୁଭେଚ୍ଛା ଜଣାଇବା ସହ ଜଳସେଚନର ବିକାଶ କରିବା ସହ ପର୍ଯ୍ୟଟନ କ୍ଷେତ୍ରକୁ ଚିହ୍ନଟ କରି ବିକାଶ କରାଯିବ ବୋଲି କହିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ କଳାହାଣ୍ଡି ସାଂସଦ ମାଳବିକା ସିଂ ଦେବୀ, ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡ଼ଲି ମାଝୀ ପ୍ରମୁଖ ସମ୍ମାନିତ ଅତିଥି, ବିଶିଷ୍ଟ କବି ଦାଶ ବେନିହୁର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଦାଶ ବେନିହୁର ମାରାଗୁଡାର ସଂସ୍କୃତି, ବୈଭବ ମହାନ ଏଭଳି ମହାନ ସଂସ୍କୃତି ସମ୍ପନ୍ନ ଜିଲ୍ଲାବାସୀଙ୍କ ପାଇଁ ଦୀର୍ଘ ବାର ବର୍ଷ ପରେ ମାରାଗୁଡା ଲୋକ ମହୋତ୍ସବର ନବକଳେବର ହୋଇଛି ବୋଲି କହିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡ଼ଲି ମାଝୀ ଜିଲ୍ଲାରେ ଜଳ ସେଚନ, ପର୍ଯ୍ୟଟନର ବିକାଶ ଉପରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଢୋଲକିଆ ନୂଆପଡ଼ା ଭଳି ଉପାନ୍ତ ଜିଲ୍ଲାର ବିକାଶ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ଉଠାଇଥିଲେ। ସାଂସଦ ମାଳବିକା ସୁନାବେଡାକୁ ଏକ ବ୍ୟାଘ୍ର ପ୍ରକଳ୍ପ, ନୂଆପଡ଼ାରେ ସମତା ଏକ୍ସପ୍ରେସ୍ ଟ୍ରେନ ରହଣୀ, ବୁଦ୍ଧିକୋମନା ପାତାଳେଶ୍ୱର ମନ୍ଦିରର ବିକାଶ କରାଯିବବୋଲି କହିଥିଲେ। ସୂଚନା ଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ସନ୍ଧ୍ୟା ୬ଟା ସମୟରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ଗୋଟମା ଏୟାର ଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ନୂଆପଡ଼ା ସହର ମଧ୍ୟରେ ଗାୟତ୍ରୀ ମନ୍ଦିରରୁ ଶୋଭାଯାତ୍ରାରେ ଯାଇ ମିନି ଷ୍ଟାଡିୟମରେ ପହଞ୍ଚିଥିଲେ। କିଛି ପ୍ରକଳ୍ପର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଖେଳପଡ଼ିଆ ପାଇଁ ଜମିଦାନ କରିଥିବା ମହିଳାଙ୍କୁ ସମ୍ବର୍ଦ୍ଧନା

**ସିନାପାଲି, ୪।୪(ସମିସ):** ଖେଳପଡ଼ିଆ ନିର୍ମାଣ କରିବାକୁ ୫ଏକର ଜମିଦାନ କରି ଚର୍ଚ୍ଚାରେ ଥିବା ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝର ଗ୍ରାମର ମହିୟସୀ ସାବିତ୍ରୀ ମାଝିଙ୍କୁ ବିଭିନ୍ନ ମହଲରେ ସମ୍ବର୍ଦ୍ଧନାଜ୍ଞାପନ କରାଯାଉଛି। ସିନାପାଲି ଅଞ୍ଚଳର ଲୋକ ମହୋତ୍ସବ ଉଦନ୍ତୀ ମଞ୍ଚରେ ଅନେକ ମଞ୍ଚାସିନ ଅତିଥି ସହ ଓଡ଼ିଶା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହି, ପୂର୍ବତନ ସାଂସଦ ବସନ୍ତ ପଣ୍ଡା ଅତିଥି ଭାବରେ ଯୋଗଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ନୂଆପଡ଼ା ଜିଲ୍ଲାର ଲୋକ ମହୋତ୍ସବ ମାରାଗୁଡ଼ାରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ରାଘବେନ୍ଦ୍ର ରେଡ୍ଡୀ ସମେତ ଅନେକ ବରେଣ୍ୟ ଅତିଥି ମଞ୍ଚାସିନ ରହି ସମ୍ବର୍ଦ୍ଧନା କରିଛନ୍ତି। ସେହିପରି ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯୁବକ ସଂଘ, ରାଜନୈତିକ ନେତୃବୃନ୍ଦ, ବୁଦ୍ଧିଜୀବୀ, କ୍ରୀଡ଼ା ଅନୁଷ୍ଠାନ ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରୁଥିବା ଦେଖିବାକୁ ମିଳିଛି। ଏହିଭଳି ସମ୍ବର୍ଦ୍ଧନାକୁ ସାବିତ୍ରୀ ମାଝି ଜୀବନରେଅଭୁଲା ସ୍ମୃତି ହୋଇ ରହିବ ବୋଲି କହିବା ସହ ଦାନ କରିଥିବା ଜମିରେ ଷ୍ଟାଡିୟମ ନିର୍ମାଣ ହୋଇ ପାରିଲେ ଓ ମୋ ଗାଁର ଉଦୀୟମାନ ଖେଳାଳିଙ୍କ ସ୍ୱପ୍ନ ସାକାର ହୋଇ ପାରିଲେ ମୋତେ ପରମ ସନ୍ତୋଷ ମିଳିବ ବୋଲି ପ୍ରକାଶ କରିଛନ୍ତି।



